• Vol.- 46, Issue No. 14
• Tuesday, 14 April 2026
• ମଙ୍ଗଳବାର, ୧୪ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ଓଡ଼ିଆ ନବବର୍ଷ ତଥା ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସୁଖ-ସମୃଦ୍ଧି କାମନା କରୁଛି ।
-ସଂପାଦକ

# ହର୍ମୁଜ ଅବରୋଧ ଆରମ୍ଭ

## ★ ଆମେରିକା କେନ୍ଦ୍ରୀୟ କମାଣ୍ଡ ସକ୍ରିୟ ★ ସୁରକ୍ଷିତ ରହିବ ଭରତୀୟ ଜାହାଜ:ଇରାନୀ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୧୩।୪: ଆମେରିକା ହର୍ମୁଜ ଅବରୋଧ ପ୍ରକ୍ରିୟା ଆରମ୍ଭ କରିଛି। ଏହାର କେନ୍ଦ୍ରୀୟ କମାଣ୍ଡ କହିଛି ଯେ ଏହା ୧୩ ଏପ୍ରିଲ ସକାଳ ୧୦ଟା ପୂର୍ବ ଦିନ ଅର୍ଥାତ୍ ସନ୍ଧ୍ୟା ୭:୩୦ ସମୟରେ ଇରାନ ବନ୍ଦରଗୁଡ଼ିକରେ ପ୍ରବେଶ ଏବଂ ପ୍ରସ୍ଥାନ କରୁଥିବା ସମସ୍ତ ସାମୁଦ୍ରିକ ପରିବହନ ଉପରେ ଅବରୋଧ କାର୍ଯ୍ୟକାରୀ କରିବା ଆରମ୍ଭ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଆମେରିକାର ନୌସେନା ହର୍ମୁଜ୍ ପ୍ରଣାଳୀ ଅବରୋଧ ଆରମ୍ଭ କରିବ ବୋଲି ବିବୃତି ରଖିବାର କିଛି ଘଣ୍ଟା ପରେ ଏହା କୁହାଯାଇଛି। ଆମେରିକା ଓ ଇରାନ ଭିତରେ ବଢୁଥିବା ବିବାଦ ଭିତରେ ନେଇ ହର୍ମୁଜକୁ ନେଇ ଏକ ନୂଆ ମୋଡ ସାମନାକୁ ଆସିଛି। ଗୋଟିଏ ପଟେ ଆମେରିକା ଏହି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ରାସ୍ତାରେ ବ୍ଲକେଜ ଲଗାଇବାର ପ୍ରସ୍ତୁତି ବେଳେ ଅନ୍ୟପକ୍ଷେ ସବୁଠାରୁ ଘନିଷ୍ଠ ସହଯୋଗୀ ବ୍ରିଟେନ୍ ପଛକୁ ହଟି ଯାଇଛି। ବ୍ରିଟେନର ପ୍ରଧାନମନ୍ତ୍ରୀ କୀର୍ ଷ୍ଟାର୍ମର ସ୍ପଷ୍ଟ ଭାବରେ କହିଛନ୍ତି, ତାଙ୍କ ଦେଶ ଏହି ଅବରୋଧକୁ ସମର୍ଥନ କରିବନାହିଁ କି ଇରାନ ବିରୋଧରେ କୌଣସି ଯୁଦ୍ଧରେ ସାମିଲ ହେବ ନାହିଁ। ଇତିମଧ୍ୟରେ ଇରାନ କହିଛି ଯେ ହରମୁଜ୍ ପ୍ରଣାଳୀରୁ ଜାହାଜ ଗମନାଗମନ ପାଇଁ ଭାରତ ସହିତ ଏହାର 'ଭଲ ସମ୍ପର୍କ' ଅଛି ଏବଂ ଏହା ନୂଆଦିଲ୍ଲୀକୁ ଜାହାଜ ଚଳାଚଳରେ ସାହାଯ୍ୟ କରିବାକୁ ଚାହୁଁଛି। ଏହା ହରମୁଜ୍ ପ୍ରଣାଳୀ ଦେଇ ପରିବହନ ସମୟରେ ଭାରତୀୟ ଟ୍ୟାଙ୍କର ପାଇଁ ଟୋଲ୍ ଆଦାୟ କରିବାକୁ ମଧ୍ୟ ମନା କରିଛି। ଭାରତରେ ଅବସ୍ଥାପିତ ଇରାନୀ ରାଷ୍ଟ୍ରଦୂତ ମହମ୍ମଦ ଫଥାଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଇରାନ ଏବଂ ଭାରତ ଦୁଇ ରାଷ୍ଟ୍ର ଚ୍ୟାଲେଞ୍ଜିଂ ସମୟରେ ଦୃଢ଼ ସମ୍ପର୍କ ବଜାୟ ରଖନ୍ତି। ସୂଚନାଯୋଗ୍ୟ ଯେ ରବିବାର ପାକିସ୍ତାନର



ଇସଲାମାବାଦରେ ଶାନ୍ତି ଆଲୋଚନା ସମୟରେ ଆମେରିକା ଏବଂ ଇରାନ ଶାନ୍ତି ଚୁକ୍ତିରେ ପହଞ୍ଚିବାରେ ବିଫଳ ହୋଇଥିଲେ। ୧୯୭୯ ଇସଲାମିକ ବିପ୍ଳବ ପରେ ଉଭୟ ପକ୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତରୀୟ ବୈଠକ, ପରମାଣୁ ଅସ୍ତ୍ର ଏବଂ ହରମୁଜ୍ ବିବାଦର ଏହାର ମୁଖ୍ୟ ବିନ୍ଦୁ ଥିଲା।

## ନୟାଗଡ଼ ଛେନାପୋଡ଼କୁ ମିଳିପାରେ ଜିଆଇ ଟ୍ୟାଗ୍

ନୟାଗଡ଼,୧୩।୪: ନୟାଗଡ଼ବାସୀଙ୍କ ପାଇଁ ଖୁସି ଖବର। ଖୁବ୍ ଶୀଘ୍ର ବିଶ୍ୱ ପ୍ରସିଦ୍ଧ ନୟାଗଡ଼ ଛେନାପୋଡ଼କୁ ମିଳିପାରେ ଜିଆଇ ଟ୍ୟାଗ୍ ମାନ୍ୟତା । ଏହି ଟ୍ୟାଗ୍ ନେଇ ଉପଯୁକ୍ତ ପଦକ୍ଷେପ ନେବେ ବୋଲି କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସୂଚନା ଦେଇଛନ୍ତି। ଏନେଇ ଆସନ୍ତା ମେ ୨୮ ଓ ୨୯ ତାରିଖ ବୈଠକରେ ବିଧିବଦ୍ଧ ଘୋଷଣା ହୋଇପାରେ। ଛେନାପୋଡ ଦିବସରେ ସାଂସଦ ସମ୍ବିତ ପାତ୍ର କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ଏନେଇ ଚିଠି ଲେଖିଥିଲେ। ଏହି ସୁସ୍ୱାଦୁ ମିଠାର ମହତ୍ତ୍ୱ ରହିଛି ବୋଲି କହିଛନ୍ତି। ଏହି ପାରମ୍ପରିକ ଖାଦ୍ୟ ସହ ଓଡିଶା ଲୋକ ବିଶେଷ କରି ନୟାଗଡ ଲୋକଙ୍କ ସହ କିଭଳି ଜଡିତ ତାହା ସେ ଏହି ଚିଠିରେ ଜଣାଇଛନ୍ତି।

## ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି

ପୁରୀ,୧୩।୪(ନିପ୍ର): ଆଜିଠୁ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି କାର୍ଯ୍ୟ ଆରମ୍ଭ ହୋଇଛି। ୫ ଘଣ୍ଟା ୨୨ ମିନିଟ୍ ଧରି ଏହା ଚାଲିଥିଲା। ସ୍ପେଶାଲ ଅପରେଟିଙ୍ଗ ପ୍ରୋସିଜିୟର(ଏସଓପି) ଅନୁଯାୟୀ ସବୁ ରତ୍ନ ଅଳଙ୍କାରର ଥ୍ରୀଡି ସ୍କ୍ରିନିଂ କରାଯାଇ ଡିଜିଟାଲ ଫଟୋଗ୍ରାଫି କରାଯାଉଥିବା ସୂଚନା ମିଳିଛି । ଏହାକୁ ନେଇ ଏକ ଡିଜିଟାଲ କ୍ୟାଟଲଗ୍ ପ୍ରସ୍ତୁତ କରାଯିବ। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତିମଣତି ବନ୍ଦ ରହିବ । ଏହାପରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁଣି ଗଣତିମଣତି କରାଯିବ ବୋଲି ସୂଚନା ମିଳିଛି। ପ୍ରଥମ ପର୍ଯ୍ୟାୟରେ ୨୫ ମାର୍ଚ୍ଚ ୨୦୨୬ ରେ ଚଳନ୍ତି ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## କେନ୍ଦୁଝରରେ ବିକାଶର ବର୍ଷା



- ବଡ଼ବିଲ ବାଇପାସ ରିଙ୍ଗରୋଡ଼ : ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- କେନ୍ଦୁଝର ମେଗା ଷ୍ଟିଲପ୍ଲାଣ୍ଟ ଶିଳାନ୍ୟାସ ଖୁବ୍ ଶୀଘ୍ର
- ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳ ଆବଶ୍ୟକତା ଭିତ୍ତିଭୂମି
- ୨୪ ପ୍ରକଳ୍ପ ଲୋକାର୍ପିତ , ୫୧ ପ୍ରକଳ୍ପର ଭିତ୍ତିପ୍ରସ୍ତର
- ଶିଳ୍ପସଂସ୍ଥା ୧୦ ହଜାର କୋଟିରୁ ଅଧିକ ନିବେଶ ଓ ୧୦ ହଜାରରୁ ଅଧିକ ନିଯୁକ୍ତି ଦେଲେ ପ୍ରଶାସନିକ ସୁବିଧା ଦିଆଯିବ

କେନ୍ଦୁଝର,୧୩।୪(ନିପ୍ର): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଡ଼ବିଲ ଠାରେ ବଡ଼ବିଲ ବାଇପାସ ରିଙ୍ଗରୋଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା କରି ବଡ଼ବିଲ ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ କରିଛନ୍ତି। ସୂଚନାଯୋଗ୍ୟଯେ ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ୨୯ କୋଟି ୪୧ ଲକ୍ଷ ବ୍ୟୟ ବରାଦରେ ୨୪ ପ୍ରକଳ୍ପର ଲୋକାର୍ପଣ କରିବା ସହିତ ୩୨୬ କୋଟି ୪୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୫୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବଡ଼ବିଲ ସହର ପାଇଁ ଏକ ବାଇପାସ୍ ତଥା ରିଂ ରୋଡର ଦୈର୍ଘ୍ୟ ହେଉଛି ୧୮ କିଲୋମିଟର ୩୨୬ ମିଟର। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ୧୫୮୧ କୋଟି ୨୧ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଯୋଡ଼ା, ବାସୁଦେବପୁର ଓ ବଡ଼ବିଲ ଅଞ୍ଚଳ ପାଇଁ ୨୯୮ କୋଟି ଟଙ୍କା ବ୍ୟୟରେ ଖୁବ ଶୀଘ୍ର ଏକ ବିଦ୍ୟୁତ ସବ ଷ୍ଟେସନ ନିର୍ମାଣ ହେବ ଏବଂ ୮ ଲେନ ବିଶିଷ୍ଟ ବଡ଼ବିଲ - ପାରାଦ୍ୱୀପ ରାସ୍ତା ନିର୍ମାଣ କାର୍ଯ୍ୟକୁ ଶୀଘ୍ର ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳ ଆବଶ୍ୟକତାଟି ହେଉଛି ଭିତ୍ତିଭୂମି। ଉନ୍ନତ ରାସ୍ତା, ଉନ୍ନତ ସେତୁ, ଉନ୍ନତ ବିଜୁଳି ବ୍ୟବସ୍ଥା ଏବଂ ପାନୀୟ ଜଳର ସୁବିଧା । ତେଣୁ, ଆମ ସରକାର ପ୍ରଥମ ଦିନରୁ ହିଁ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଆସିଛି। ଅଳ୍ପ ଦିନ ତଳେ କ୍ୟାବିନେଟ୍‌ରେ କେନ୍ଦୁଝର ପାଇଁ ମଧ୍ୟ ଏକ ଗ୍ରୀଡ ସବ୍‌ଷ୍ଟେସନ ପାଇଁ ମଞ୍ଜୁରୀ ଦିଆଯାଇଛି। ୧ ହଜାର ୬୪୭ କୋଟି ଟଙ୍କାରେ ଏ ପ୍ରକଳ୍ପ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କର କେନ୍ଦୁଝରରେ ଏକ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଖୁବ୍ ଶୀଘ୍ର ଶିଳାନ୍ୟାସ କରାଯିବ। ଏବଂ ଏହା ମଧ୍ୟ ଘୋଷଣା କରିଥିଲେ ଯେ ଯେ କୌଣସି ଶିଳ୍ପସଂସ୍ଥା କେନ୍ଦୁଝରରେ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ କରିବ ଏବଂ ୧୦ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ଦେବ ତାଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାରର ପ୍ରଶାସନିକ ସୁବିଧା ଯୋଗାଇ ଦେବେ। ବଡ଼ବିଲ ଆଇଟିଆଇ ଆଗକୁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ହେବାକୁ ଯାଉଛି ଏହା ଆମ ଦକ୍ଷ ଯୁବଶକ୍ତିର ପାରଦର୍ଶିତାକୁ ବୁଝାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବାଘ ଛାଲ ଜବତ, ୫ ଗିରଫ

ଡାବୁଗାଁ,୧୩।୪(ନିପ୍ର) : ବନ୍ୟଜନ୍ତୁ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଥିବା ବେଳେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଅଞ୍ଚଳରେ ଏକ ବଡ଼ ସଫଳତା ମିଳିଛି। ଚିକିଲି ଜଙ୍ଗଲ ଅଞ୍ଚଳରେ ବାଘ ଛାଲ ଚୋରା ଚାଲାଣ ସମୟରେ ବନ ବିଭାଗ ଚଢ଼ଉ କରି ଗୋଟିଏ ଚିତା ବାଘ ଛାଲ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଚୋରା ଶିକାରୀମାନେ ଚିକିଲି ଜଙ୍ଗଲରୁ ବାଘ ଛାଲକୁ ଅନ୍ୟତ୍ର ଚୋରା ଚାଲାଣ କରିବା ପାଇଁ ଯୋଜନା କରୁଥିବା ନେଇ ବନ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ପରେ ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରାସାଦ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ବନ ଅଧିକାରୀମାନେ ତୁରନ୍ତ ଏକ ଟିମ୍ ଗଠନ କରି ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ସନ୍ଦିଗ୍ଧ ଅବସ୍ଥାରେ ୨ଟି ମୋଟର ସାଇକଲ ନଂ ଓଡ଼ି ୨୪ଏଫ ୬୫୬୨ ଓ ଓଡି ୨୪ପି ୨୪୨୫ ସହ ଥିବା ୫ ଜଣ ଯଥା : ନବରଙ୍ଗପୁର ଥାନା ଅଧୀନ ବଣିଆ ଗ୍ରାମର ଅର୍ଜୁନ ହରିଜନ (୩୦), ମାଇଦଲପୁର ଥାନା ଅଧୀନ ଶିବ କଲାର (୩୮), ଗୋପିଗୁଡ଼ା ଗ୍ରାମର ବାଇଚନ୍ଦ୍ର ମଙ୍ଗଲି (୪୯), ମାଇଦଲ ପୁର ଗ୍ରାମର କେଦାରନାଥ ବିଶୋଇ (୪୨) ଓ ନବରଙ୍ଗପୁର ଥାନା ଅଧୀନ ପଖନାଗୁଡ଼ା ଗ୍ରାମର ମିହିର ହରିଜନ (୨୫) ଙ୍କୁ ଧରାଯାଇଥିଲା ।ଏଥିସହ ତାଙ୍କ ନିକଟରୁ ଚିତା ବାଘ ବାଘର ଛାଲ ଜବତ କରାଯାଇଥିଲା।

## ସ୍ୱାଭାବିକଠାରୁ ଏବର୍ଷ କମ୍ ବର୍ଷିପାରେ



ନୂଆଦିଲ୍ଲୀ,୧୩।୪: ଭାରତ ପାଣିପାଗ ବିଭାଗ (ଆଇଏମଡି) ଏହାର ଦୀର୍ଘ-ପରିସୀମା ପୂର୍ବାନୁମାନରେ କହିଛି ଯେ ୨୦୨୬ ମସିହାରେ ଭାରତରେ ସ୍ୱାଭାବିକଠାରୁ କମ୍ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ଦୀର୍ଘକାଳୀନ ହାରାହାରି (ଏଲପିଏ)ର ୯୨% ବର୍ଷା ହେବ ବୋଲି ଆକଳନ କରାଯାଇଛି ।ସ୍ଥାନୀୟ ଭାବରେ, ଦେଶର ଏକ ବଡ଼ ଅଂଶରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ଯଦିଓ ଉତ୍ତର-ପୂର୍ବ, ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ ଉପଦ୍ୱୀପ ଭାରତର କିଛି ଅଞ୍ଚଳରେ ସ୍ୱାଭାବିକରୁ ଅଧିକ ବର୍ଷା ହେବାର ସମ୍ଭାବନା ଅଛି।





ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା
ଓଡ଼ିଆ ନବବର୍ଷ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0016

15001/16/2627



ଓଡ଼ିଆ ନବବର୍ଷ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନବପ୍ରଭାତ



# ହନୁମାନ ଜୟନ୍ତୀ





**ହନୁମାନ ଜୟନ୍ତୀ ହିନ୍ଦୁ ଧର୍ମରେ ଗଭୀର ଗୁରୁତ୍ୱ ରଖେ କାରଣ ଏହା ପ୍ରଭୁ ରାମଙ୍କ ଦିବ୍ୟ ଭକ୍ତ ଏବଂ କଳିଯୁଗରେ ଭକ୍ତମାନଙ୍କ ରକ୍ଷାକର୍ତ୍ତାଙ୍କୁ ସମ୍ମାନ କରେ...**

**ସର୍ବୋତ୍ତମ ପୂଜା ସମୟ:**
ସୂର୍ଯ୍ୟୋଦୟ ପରେ ଅପରାହ୍ନ ପର୍ଯ୍ୟନ୍ତ

**ଆଦର୍ଶ ଅବଧି:** ସକାଳରୁ ମଧ୍ୟାହ୍ନ
ଏହି ସମୟ ସିନ୍ଦୂର ନୈବେଦ୍ୟ, ମନ୍ତ୍ର ଜପ ଏବଂ ଆରତି ପାଇଁ ଉପଯୁକ୍ତ।

**ଆନୁମାନିକ ସମୟ:** ପୂର୍ବାହ୍ନ ୧୧:୫୦ - ଅପରାହ୍ନ ୧୨:୪୦
ବିଶେଷ ପୂଜା, ସଙ୍କଳ୍ପ ଏବଂ ଇଚ୍ଛା ପୂରଣ ପାଇଁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ।
ସକାଳେ (ସୂର୍ଯ୍ୟୋଦୟ ପରେ)
ଅଭିଜିତ ମୁହୂର୍ତ୍ତରେ ସୂର୍ଯ୍ୟାସ୍ତ ପରେ ସନ୍ଧ୍ୟା ଜପକୁ ମଧ୍ୟ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ।

**ସକାଳ ଆରତି:** ସୂର୍ଯ୍ୟୋଦୟ ପରେ
**ସନ୍ଧ୍ୟା ଆରତି:** ସୂର୍ଯ୍ୟୋଦୟ ପରେ, ରାତି ପୂର୍ବରୁ

**ପୂଜା ସାମଗ୍ରୀ ତାଲିକା:**
ଭଗବାନ ହନୁମାନଙ୍କ ମୂର୍ତ୍ତି କିମ୍ବା ଫଟୋ
ସିନ୍ଦୂର ଏବଂ ଚମେଲି ତେଲ
ଲାଲ ଫୁଲ, ମାଳା ଏବଂ ବେଲପତ୍ର
ଧୂପକାଠି, ଦୀପ, କର୍ପୂର
କଦଳୀ, ଗୁଡ଼, ଲଡୁ କିମ୍ବା ବୁନ୍ଦି
ହନୁମାନ ଚାଳିଶା ପୁସ୍ତକ

**ରାହୁ କାଳ ସମୟରେ ପୂଜା ଆରମ୍ଭ କରିବା ଏଡାନ୍ତୁ। ମାଂସ ଖାଦ୍ୟ କିମ୍ବା ମଦ୍ୟପାନ ସେବନ କରନ୍ତୁ ନାହିଁ। ପୂଜା ସମୟରେ ନକାରାତ୍ମକ ଆଚରଣ ଏବଂ ବିଭ୍ରାନ୍ତିକୁ ଏଡାନ୍ତୁ**

## ଘରେ ହନୁମାନ ଜୟନ୍ତୀ ପୂଜା କିପରି କରିବେ

- ଶୀଘ୍ର ଉଠି ସ୍ନାନ କରନ୍ତୁ ଏବଂ ସଫା ପୋଷାକ ପିନ୍ଧନ୍ତୁ
- ଭଗବାନ ହନୁମାନଙ୍କ ମୂର୍ତ୍ତି ପୂର୍ବ ଦିଗକୁ ମୁହଁ କରି ରଖନ୍ତୁ
- ଦୀପ ଏବଂ ଧୂପ ଜଳାନ୍ତୁ
- ପ୍ରତିମାରେ ଜସମିନ୍ ତେଲ ସହିତ ସିନ୍ଦୂର ମିଶ୍ରିତ କରି ଲଗାନ୍ତୁ
- ହନୁମାନ ଚାଳିଶା ଏବଂ ବଜରଙ୍ଗ ବାଣ ଜପ କରନ୍ତୁ
- ଆରତି କରନ୍ତୁ ଏବଂ ନୈବେଦ୍ୟ ଅର୍ପଣ କରନ୍ତୁ



**ହନୁମାନ ଚାଳିଶା ଆବୃତ୍ତି ସର୍ବନିମ୍ନ ୭ ଥର କରନ୍ତୁ**

ହନୁମାନ ଜୟନ୍ତୀ ହେଉଛି ଶକ୍ତି, ଭକ୍ତି, ସାହସ ଏବଂ ନିଃସ୍ୱାର୍ଥପର ସେବାର ଚିରନ୍ତନ ପ୍ରତୀକ ପ୍ରଭୁ ହନୁମାନଙ୍କ ପବିତ୍ର ଜନ୍ମବାର୍ଷିକୀ। ସମଗ୍ର ଭାରତରେ ଅପାର ବିଶ୍ୱାସ ସହିତ ପାଳିତ ହେଉଥିବା ହନୁମାନ ଜୟନ୍ତୀ ହିନ୍ଦୁ ଧର୍ମରେ ଗଭୀର ଗୁରୁତ୍ୱ ରଖେ କାରଣ ଏହା ପ୍ରଭୁ ରାମଙ୍କ ଦିବ୍ୟ ଭକ୍ତ ଏବଂ କଳିଯୁଗରେ ଭକ୍ତମାନଙ୍କ ରକ୍ଷାକର୍ତ୍ତାଙ୍କୁ ସମ୍ମାନ କରେ। ଏହି ପବିତ୍ର ଦିନରେ, ଭକ୍ତମାନେ ଉପବାସ ପାଳନ କରନ୍ତି, ହନୁମାନ ଚାଳିଶା ଜପ କରନ୍ତି, ଭଜନ ଗାନ କରନ୍ତି ଏବଂ ନକାରାତ୍ମକ ଶକ୍ତି ଏବଂ ପ୍ରତିବନ୍ଧକରୁ ସୁରକ୍ଷା ପାଇବା ପାଇଁ ବିଶେଷ ପୂଜା କରନ୍ତି। ଆଧ୍ୟାତ୍ମିକ ଭାବରେ, ପ୍ରଭୁ ହନୁମାନ ଅଟଳ ବିଶ୍ୱାସ, ଅନୁଶାସନ ଏବଂ ଆନ୍ତରିକ ଶକ୍ତିର ପ୍ରତିନିଧିତ୍ୱ କରନ୍ତି, ଯାହା ଆଜିର ଚାପପୂର୍ଣ୍ଣ ସମୟରେ ହନୁମାନ ଜୟନ୍ତୀକୁ ବିଶେଷ ଗୁରୁତ୍ୱପୂର୍ଣ୍ଣ କରିଥାଏ। ହନୁମାନ ଜୟନ୍ତୀ ୨୦୨୬ ପାଳନ କରିବା ବ୍ୟକ୍ତିର ଜୀବନରେ ଶକ୍ତି, ସଫଳତା ଏବଂ ଦିବ୍ୟ ଆଶୀର୍ବାଦ ଆଣିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ଦିନ ଭଗବାନ ହନୁମାନଙ୍କ ପବିତ୍ର ଜନ୍ମକୁ ଚିହ୍ନିତ କରେ ଏବଂ ପୂଜା, ଉପବାସ ଏବଂ ହନୁମାନ ଚାଳିଶା ପାଠ ପାଇଁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ସାରା ଓଡ଼ିଶାରେ ଭକ୍ତମାନେ ମନ୍ଦିର ଦର୍ଶନ, ଭଜନ ଏବଂ ଶକ୍ତି, ସୁରକ୍ଷା ଏବଂ ଦିବ୍ୟ ଆଶୀର୍ବାଦ ପାଇଁ ବିଶେଷ ପୂଜାପାଠ ସହିତ ଏହି ଦିନଟିକୁ ପାଳନ କରିବେ। ସର୍ବାଧିକ ଆଧ୍ୟାତ୍ମିକ ଲାଭ ପାଇଁ ଶୁଭ ଦିନ ସମୟରେ ପୂଜା କରିବାକୁ ଭକ୍ତମାନଙ୍କୁ ପରାମର୍ଶ ଦିଆଯାଇଛି। ହନୁମାନ ପୂଜା, ଉପବାସ ଏବଂ ହନୁମାନ ଚାଳିଶା ପାଠ ପାଇଁ ପ୍ରାତଃ ଏବଂ ମଧ୍ୟାହ୍ନ ସମୟକୁ ଅତ୍ୟନ୍ତ ଅନୁକୂଳ ବୋଲି ବିବେଚନା କରାଯାଏ। କଳିଯୁଗରେ ଶକ୍ତି, ସୁରକ୍ଷା, ସାହସ ଏବଂ ଅଟଳ ଭକ୍ତି ଅନ୍ୱେଷଣ ପାଇଁ ହନୁମାନ ଜୟନ୍ତୀ ୨୦୨୬ ଏକ ଶକ୍ତିଶାଳୀ ଆଧ୍ୟାତ୍ମିକ ଅବସର। ଏହି ପବିତ୍ର ଦିନରେ ଉପବାସ, ହନୁମାନ ଚାଳିଶା ଜପ ଏବଂ ପୂଜା କରିବା ଦ୍ୱାରା ଜୀବନରୁ ଭୟ, ପ୍ରତିବନ୍ଧକ ଏବଂ ନକାରାତ୍ମକ ଶକ୍ତି ଦୂର ହୋଇଥାଏ। ବ୍ରଜର ପବିତ୍ର ଭୂମି ମଥୁରା ଏବଂ ବୃନ୍ଦାବନରେ ହନୁମାନ ଜୟନ୍ତୀ ପାଳନ କରିବା ଏହି ପର୍ବରେ ଗଭୀର ଆଧ୍ୟାତ୍ମିକ ଗୁରୁତ୍ୱ ଯୋଡିଥାଏ। ଯଦି ଦିବ୍ୟ ଉତ୍ସବ, ମନ୍ଦିର ଦର୍ଶନ ଏବଂ ଶାନ୍ତିପୂର୍ଣ୍ଣ ପୂଜା ଅନୁଭବ କରିବାକୁ ଚାହାଁନ୍ତି, ତେବେ ବୃନ୍ଦାବନ ମଥୁରା ପର୍ଯ୍ୟଟନ ସହିତ ଆପଣଙ୍କର ହନୁମାନ ଜୟନ୍ତୀ ୨୦୨୬ ଆଧ୍ୟାତ୍ମିକ ଯାତ୍ରା ଯୋଜନା କରନ୍ତୁ ଏବଂ ଏହି ପବିତ୍ର ଦିନକୁ ପ୍ରକୃତରେ ସ୍ମରଣୀୟ କରନ୍ତୁ।

# ପଣା ସଂକ୍ରାନ୍ତି

ଆଜି ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ପରମ୍ପରା ସଂସ୍କୃତି ଓ ଭାଇଚାରାର ପାର୍ବଣକୁ ସୂଚାଇଥାଏ। ଓଡ଼ିଶାର ପ୍ରଥା ପରମ୍ପରାକୁ ଦେଖିଲେ ଘରେ ଘରେ ବର୍ଷ ତମାମ କିଛି ନା କିଛି ପଣା ଆମେ ପିଇଥାଉ। ପ୍ରଚଣ୍ଡ ନିଦାଘରେ ଦେହ ଓ ମନକୁ ଶୀତଳ କରିବା ସହ ଏହା ପୁଷ୍ଟି ଯୋଗାଇଥାଏ। ପଣାଟି ଆମ ସଂସ୍କୃତିର ଅମୃତଧାରା କହିଲେ ଅତ୍ୟୁକ୍ତି ହେବନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଦେବ ଦେବ ମହାଦେବ, ମାଣବସା ଗୁରୁବାର ହେଉ ବା ଖୁଦୁରୁକୁଣୀ ଓଷା ଏପରିକି ସାବିତ୍ରୀ ବ୍ରତରେ ମଧ୍ୟ କାଷ୍ଠା ନିଷ୍ଠା କ୍ଷେତ୍ରରେ ପଣା ଲୋଡ଼ା ହୋଇଥାଏ। ତେବେ ବିଷୁବ ସଂକ୍ରାନ୍ତିର ପଣା ବାସ୍ତବରେ ସ୍ୱତନ୍ତ୍ର। ବୃନ୍ଦାବତୀଙ୍କ ନିକଟରେ ମଧ୍ୟ ଠେକି ବନ୍ଧା ଯାଇ ପଣା ଅର୍ପଣ କରାଯାଏ। ସେହିପରି ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥ ଉପରେ ଶ୍ରୀମନ୍ଦିର ବାହୁଡ଼ା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମଧ୍ୟ ଅର୍ପଣ କରାଯାଇଥାଏ ମହାପ୍ରଭୁଙ୍କ ଅଧର ପଣା। ସେହିପରି ଚୈତ୍ର ମାସରେ ପ୍ରତି ଘର ଅଗଣା ସାମ୍ନାରେ ନାଲି ମାଟିରେ ଲିପା ଯାଇ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପଣା ଅର୍ପଣ କରାଯାଏ। ପଣା ଆଲେଖ୍ୟ ସମୟରେ ମହାନ ଭକ୍ତ ସାଲବେଗଙ୍କ କାଳଜୟୀ ଧାଡ଼ିଟି ମନେ ପଡ଼େ - 'ଖିରି ଖେଚୁଡ଼ିରେ ମନ ନପୂରେଇ ଟଙ୍କ ତୋରାଣିରେ ମନ ତୋର ତୋଷ।' ଲୋକକଥା ଅନୁଯାୟୀ ଶ୍ରୀ ଚୈତନ୍ୟଙ୍କ ସହିତ ଏହି ଟଙ୍କ ତୋରାଣିର ସମ୍ପର୍କ ରହିଛି। ଯେ କେହି ଶ୍ରୀମନ୍ଦିର ଯାଉଥିବେ ଆନନ୍ଦ ବଜାରରେ ଏହି ଟଙ୍କ ତୋରାଣିର ଦିବ୍ୟ ସ୍ୱାଦ ନିଶ୍ଚିନ୍ତ ପାଇଥିବେ। ଆଧୁନିକତାର ସମୟରେ ପାରମ୍ପରିକ ପାନୀୟ ଆଦୌ ହଜି ନାହିଁ। ଗ୍ରୀଷ୍ମ ଦିନରେ ଓଡ଼ିଆଣୀମାନେ ଆମ୍ବପଣା, ସାଗୁ ପଣା, ବେଲପଣା, ନବାତ ଛେନା ପଣା, ଆଖୁରସ ଓ ଲେମ୍ବୁପାଣି ଆଦି ଭରପୂର ପଣାର ମହକକୁ ସମସ୍ତଙ୍କ ଭିତରେ ବାଣ୍ଟିଥାନ୍ତି। ଦକ୍ଷିଣ ଭାରତରେ ମଧ୍ୟ ପଣାର ପାରମ୍ପରିକ ପ୍ରଚଳନ ରହିଛି। ଯାହାର ନାମ ହେଉଛି 'ପାନକମ୍'। ତେବେ ଏହି ପଣାର ବର୍ତ୍ତମାନ ସମୟରେ ବଡ଼ ସ୍ଥାନ ନେଇଛି 'ରୁହ୍ ଅଫ୍‌ଜା'। ତଥ୍ୟ ମୁତାବକ ଆଜିକୁ ୧୧୮ ବର୍ଷ ତଳେ ଦିଲ୍ଲୀର ଏକ ଛୋଟ ଔଷଧ ଦୋକାନରେ ଏହାର ସୃଷ୍ଟି। ୟୁନାନି ଚିକିତ୍ସା କରୁଥିବା ହଫିଜ ଅବଦୁଲ ମଜିଦ ନାମକ ଜଣେ ଦେଶୀ ଚିକିତ୍ସକ ଗରମ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଭିନ୍ନ ସୁସ୍ୱାଦୁ ଫଳ, ଜଡ଼ିବୁଟି, ସୁଗନ୍ଧି ଫୁଲର ନିର୍ଯ୍ୟାସ ଆଉ କିଛି ସ୍ୱତନ୍ତ୍ର ମସଲାକୁ ସମ୍ମିଶ୍ରିତ କରି ଯେଉଁ ସିରପଟି ତିଆରି କରିଥିଲେ ତାହା ହିଁ ଅନେକଙ୍କ ଭିତରେ ଉଭୟ ସୁସ୍ୱାଦ ଓ ଖ୍ୟାତିକୁ ନେଇ ସଞ୍ଚରିଗଲା। ବାସ୍ତବରେ ରୁହ୍ ଅଫଜାର ଅର୍ଥ ହେଉଛି ଆତ୍ମାକୁ ସତେଜ କରୁଥିବା। ୧୯୨୨ରେ ହଫିଜଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ବର୍ଗ ଏହି ପାନୀୟ ସତ୍ୱାଧିକାରୀ ହୋଇଥିଲେ ଓ ପରବର୍ତ୍ତୀ ସମୟରେ ଏହା ଆଫଗାନିସ୍ଥାନରେ ବଡ଼ ବ୍ୟବସାୟ କରିଥିଲା।

ବାସ୍ତବରେ ଆଜିର ସମୟକୁ ଦେଖିଲେ ପାରମ୍ପରିକ ପାନୀୟ ଭିତରେ କିଛି ତଥାକଥିତ ବର୍ତ୍ତମାନ ସମୟର ପାନୀୟରେ ରାସାୟନିକ ଏସେନ୍ସ ମିଶା ପାନୀୟ ସବୁ ରହୁଛି। ନୂତନ ପିଢ଼ି ଏହି ପାରମ୍ପରିକ ପାନୀୟ ସ୍ୱାଦ ଅପେକ୍ଷା ସୁଗାର ସିରପ, ସୋଡ଼ା ଓ ବିଭିନ୍ନ କୃତ୍ରିମ ଫ୍ଲେଭର ମିଶା ପାନୀୟକୁ ଅଧିକ ପସନ୍ଦ କରୁଛନ୍ତି। ତେବେ ଯାହାହେଉନା କାହିଁକି ପାଟିକୁ ସୁଆଦିଆ ଓ ପେଟକୁ ଥଣ୍ଡା ଲାଗୁଥିବା ଏହି ମୃଦୁ ପାନୀୟ କେବେହେଲେ ପଣାର ବିକଳ୍ପ ହୋଇପାରିବ ନାହିଁ। ଗ୍ରୀଷ୍ମଋତୁରେ ଶରୀର ପାଇଁ ପଣା ଶୀତଳତା ଓ ସତେଜତା ପ୍ରଦାନ କରିଥାଏ। କାରଣ ପଣାରେ ପଡୁଥିବା ସମସ୍ତ ଉପାଦାନରେ ଶରୀରକୁ ଥଣ୍ଡା ରଖିବାର ଗୁଣ ରଖିଥାଏ। ପଣା ଆମ ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ ଏବଂ ଏଥିରେ ଏପରି ପୋଷକ ତତ୍ତ୍ୱ ଥାଏ ଯେ ଗ୍ରୀଷ୍ମ କାଳୀନ ଉପାସରେ ମଧ୍ୟ ଏହା ଗୃହିଣୀମାନଙ୍କର ଅତ୍ୟନ୍ତ ପ୍ରିୟ ପାନୀୟ। ପଣାରେ କ୍ୟାଲସିୟମ, ଫସଫରସ ଓ ଆଇରନ ସହ ଭିଟାମିନ ସି ପ୍ରଚୁର ମାତ୍ରାରେ ରହିଥାଏ। ଆସନ୍ତୁ ପଣା ସଂକ୍ରାନ୍ତିରୁ ଆରମ୍ଭ ହେଉଥିବା ପଣାର ଆନନ୍ଦ ଉଲ୍ଲାସ ମହୋତ୍ସବରେ ଦେଶୀୟ ପାନୀୟ ଘରେ ପ୍ରସ୍ତୁତ କରି ଆନନ୍ଦ ଓ ଶାନ୍ତି ଉପଭୋଗ କରିବା।

*ଇତିଶ୍ରୀ ଅଲିଭା ଦୀପ୍ତିମୟୀ ରାଉତ*
*ମୋ: ୮୬୫୮୫୩୧୭୩୧*



## ବିଭିନ୍ନ ଅଞ୍ଚଳରେ

# ବୈଶାଖୀ ମହୋତ୍ସବ



ବୈଶାଖୀ: ବୈଶାଖ ମାସ ଓ ଇଂରାଜୀମାସ ଅପ୍ରେଲ ୧୩ ତାରିଖରେ ପାଳନ କରାଯାଏ।ଏହାକୁ ପଂଜାବ ଓ ହରିଆଣାର ଲୋକମାନେ ନୂଆ ଖରିଫ୍ ଫସଲର ପର୍ବ ରୂପରେ ପାଳନ କରିଥାନ୍ତି। ଏସବୁ ଅଞ୍ଚଳର ପର୍ବପର୍ବାଣିଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ଏହି ଦିନ, ଅର୍ଥାତ୍ ୧୩ ଅପ୍ରେଲ ୧୬୯୯ରେ ଶିଖ୍ ଧର୍ମର ଦଶମ ଗୁରୁ ଗୋବିନ୍ଦ ସିଂହ ଖାଲସା ପନ୍ଥର ସ୍ଥାପନା କରିଥିଲେ। ତେଣୁ ଶିଖ୍‌ମାନେ ଏହି ପର୍ବକୁ ସାମୂହିକ ଜନ୍ମଦିନ ଭାବରେ ପାଳନ କରିଥାନ୍ତି। ଏହି ଦିନ ଲୋକମାନେ ପଂଜାବର ପରମ୍ପରାଗତ ନୃତ୍ୟ ଭାଙ୍ଗଡ଼ା ଓ ଗିଦ୍ଦା ପରିବେଷଣ କରିଥାନ୍ତି। ସନ୍ଧ୍ୟାରେ ଏକାଠି ହୋଇ ନିଆଁ ଚାରିପଟେ ନାଚଗୀତ କରିଥାନ୍ତି। ଗୁରୁଦ୍ୱାରରେ ଲୋକେ ପୂଜା କରିଥାନ୍ତି। ଶ୍ରଦ୍ଧାଳୁମାନେ ଏହି ଦିନ ଗୁରୁଦ୍ୱାରାରେ କରସେବା ମଧ୍ୟ କରନ୍ତି। ଶିଖ୍ ଧର୍ମାବଲମ୍ବୀମାନେ ବୈଶାଖୀକୁ ନୂତନ ବର୍ଷ ଏବଂ ଖାଲସା ପନ୍ଥର ସ୍ଥାପନା ଦିବସ ଭାବରେ ଉତ୍ସାହର ସହ ପାଳନ କରନ୍ତି। ଏହା ସାଧାରଣତଃ ଅପ୍ରେଲ ୧୩ କିମ୍ବା ୧୪ ତାରିଖରେ ପଡ଼େ। ଏହି ଦିନ ଗୁରୁଦ୍ୱାରାଗୁଡ଼ିକ ସୁସଜ୍ଜିତ ହୋଇ କୀର୍ତ୍ତନ, ନଗର କୀର୍ତ୍ତନ(ଶୋଭାଯାତ୍ରା) ଏବଂ ଲଙ୍ଗର (ସାମୂହିକ ଭୋଜନ ) ଆୟୋଜନ କରାଯାଏ। ଭକ୍ତମାନେ ନୂତନ ପୋଷାକ ପିନ୍ଧି ଭାଙ୍ଗଡ଼ା ଓ ଗିଦ୍ଦା ନୃତ୍ୟ କରି ଖୁସିର ସହ ପର୍ବ ପାଳନ କରନ୍ତି। ଦଶମ ଗୁରୁ ଗୋବିନ୍ଦ ସିଂହ ଖାଲସା ପନ୍ଥର ସ୍ଥାପନା କରିଥିଲେ ୧୬୯୯ ମସିହାରେ । ତେଣୁ ଶିଖ୍‌ମାନେ ଏହାକୁ ଏକ ପବିତ୍ର ଦିନ ଭାବରେ ପାଳନ କରନ୍ତି। ଭକ୍ତମାନେ ସକାଳୁ ଗୁରୁଦ୍ୱାରା ଯାଇ ଗୁରୁଗ୍ରନ୍ଥ ସାହିବଙ୍କୁ ଦର୍ଶନ କରନ୍ତି ଓ ବିଶେଷ ପ୍ରାର୍ଥନା (ଅରଦାସ୍) କରନ୍ତି। ନଗର କୀର୍ତ୍ତନ: ପଞ୍ଚ ପ୍ୟାରେ ବା ପାଞ୍ଚ ଜଣ ପ୍ରିୟ ଭକ୍ତଙ୍କ ନେତୃତ୍ୱରେ ସହରରେ ଶୋଭାଯାତ୍ରା ବାହାର କରାଯାଇଥାଏ,ଯେଉଁଥିଲେ ଭଜନକୀର୍ତ୍ତନ କରାଯାଏ। ଲଙ୍ଗର ଓ ପ୍ରସାଦ: ଗୁରୁଦ୍ୱାରାରେ ସମସ୍ତଙ୍କ ପାଇଁ 'କଡ଼ା ପ୍ରସାଦ' ଏବଂ 'ଲଙ୍ଗର' (ମାଗଣା ସାମୂହିକ ଭୋଜନ)ର ବ୍ୟବସ୍ଥା କରାଯାଏ। ସାଂସ୍କୃତିକ ଉତ୍ସବ: ପାରମ୍ପରିକ ଭାଙ୍ଗଡ଼ା ଓ ଗିଦ୍ଦା ନୃତ୍ୟ କରାଯାଇଥାଏ। କୃଷକମାନେ ଉତ୍ତମ ଫସଲ ପାଇଁ ଏହାରି ମାଧ୍ୟମରେ ଈଶ୍ୱରଙ୍କୁ ଧନ୍ୟବାଦ ଜଣାନ୍ତି। ଗତ୍‌କା: ଅନେକ ସ୍ଥାନରେ ଶିଖ୍ ମାର୍ଶଲ କଳା ଗତକା ପ୍ରଦର୍ଶନ କରାଯାଏ। ବୈଶାଖୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଏକ ସାଂସ୍କୃତିକ ଏବଂ ଫସଲ ଅମଳର ପର୍ବ ଯାହା ସମଗ୍ର ପଂଜାବ ତଥା ବିଶ୍ୱର ଶିଖ୍ ସଂପ୍ରଦାୟ ଦ୍ୱାରା ପାଳନ କରାଯାଏ। ଓଡ଼ିଶାରେ ପଣା ସଂକ୍ରାନ୍ତି: ଏହି ଦିନକୁ ଓଡ଼ିଶାରେ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ। ବେଲ,ଛେନା, ଗୁଡ଼, କଦଳୀ ଓ କଳା ମରିଚ ମିଶାଇ ପ୍ରସ୍ତୁତ ବେଲ ପଣା ଭଗବାନଙ୍କୁ ଭୋଗ ଲଗାଯାଏ। ତୁଳସୀ ଚଉରା ମୂଳେ ବସୁନ୍ଧରା ଠେକି ଝୁଲାଇବା ପରମ୍ପରା ରହିଛି। ଶ୍ରଦ୍ଧାଳୁମାନେ ଶିବ,ହନୁମାନ କିମ୍ବା ବିଭିନ୍ନ ଶକ୍ତିପୀଠ (ଯେପରିକି ମା ଶାରଳା, ମା ତାରିଣୀଙ୍କ ପୀଠ) ଦର୍ଶନରେ ଯାଇଥାନ୍ତି। ଏହି ସଂକ୍ରାନ୍ତି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁ ଯାତ୍ରା ଓ ମେରୁ ଯାତ୍ରା ଭଳି ନିଆରା ପରମ୍ପରା ପାଳିତ ହୁଏ। ପଣା ସଂକ୍ରାନ୍ତି ଏକ ସୌର ଉତ୍ସବ। ଗ୍ରୀଷ୍ମ ଋତୁର ଆଗମନକୁ ସୂଚାଏ,ଯାହା ଓଡ଼ିଶାର ସଂସ୍କୃତି ଓ କୃଷି ସହିତ ଜଡ଼ିତ।

**- ଶ୍ରୀମତୀ ସାଧନା ପତ୍ରୀ**
**ମୋ: ୮୯୦୮୨ ୦୨୬୪୧**





# ପଞ୍ଚ ବଦନାୟ ନମୋ ନମଃ

***ପଣ୍ଡିତ ସୋମନାଥ ଦାଶ***

'ଓଁ ନମୋ ହନୁମତେ ରୁଦ୍ରାବତାରାୟ, ପଞ୍ଚ ବଦନାୟ ନମୋ ନମଃ....' କଳି ଯୁଗରେ ମହାପ୍ରଭୁ ଶ୍ରୀ ବୀର ହନୁମାନଙ୍କ କୃପା ଓ ଆଶୀର୍ବାଦ ଶ୍ରଦ୍ଧାଳୁ ଅଳ୍ପ ବହୁତେ ପ୍ରତ୍ୟକ୍ଷ ଲାଭ କରିଥାନ୍ତି। ଯୁଗେ ଯୁଗେ ପାପର ବିନାଶ କରି ଧର୍ମର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟ ମଣ୍ଡଳରେ ଭଗବାନ ମାନବ ଦେହରେ ଲୀଳାଖେଳା କରି ଅଧର୍ମ, ଅସତ୍ୟ ଓ ଅନ୍ୟାୟର ସଂହାର ସହ ସତ୍ୟ, ଧର୍ମ ଓ ନ୍ୟାୟକୁ ପ୍ରତିଷ୍ଠା କରି ଆସିଛନ୍ତି। ଶ୍ରୀବିଷ୍ଣୁ ତାଙ୍କର ନଅଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ ଓ ବୌଦ୍ଧ ଅବତାର ଗ୍ରହଣ କରିଛନ୍ତି। ସେହିପରି କଲ୍‌କୀ ରୂପ ନେଇ କଳିଯୁଗରେ ଧର୍ମ ପ୍ରତିଷ୍ଠା ପାଇଁ ସଂକଳ୍ପସିଦ୍ଧ ବୋଲି ଆମେ ବିଭିନ୍ନ ଧର୍ମଶାସ୍ତ୍ରରେ ଜାଣିଛୁ। ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। ସେହିପରି କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ । କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ସେହିପରି ହନୁମାନଙ୍କୁ ସେ ରୁଦ୍ର ସ୍ୱରୂପ ପଞ୍ଚମୁଖ ଥିବାର ବର୍ଣ୍ଣନା କରାଯାଇଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବାସହ ସର୍ବଶାନ୍ତି ବିରାଜମାନ କରିଥାଏ।

ବୀର ହନୁମାନଙ୍କର ପଞ୍ଚମୁଖର ପ୍ରଥମଟି ହେଉଛି କପିମୁଖ। କପିର ଅର୍ଥ ହେଉଛି ମର୍କଟ ବା ମାଙ୍କଡ। ବୀର ହନୁମାନଙ୍କର ଏହି ସକଳ ଶତ୍ରୁ ସଂହାରକ କପିମୁଖ ବିଷ୍ଣୁ ଅବତାରରେ ବିଶଦଭାବରେ ବର୍ଣ୍ଣନା କରାଯାଇଛି। ତେଣୁ କପିମୁଖ ବୀର ହନୁମାନଙ୍କୁ ବିଜୟ ପ୍ରଦାୟକ ବୋଲି କୁହାଯାଏ। ନରସିଂହ ମୁଖ ହେଉଛି କରାଳ ବଦନ ବା ମୁଖ। ଏହା ସାଧାରଣରେ ବିଶ୍ୱାସ ରହିଥିବା ଭୂତପ୍ରେତଙ୍କୁ ଦମନ କରିଥାଏ। ନରସିଂହମୁଖୀ ହନୁମାନ ହେଉଛନ୍ତି ସମସ୍ତ ଅଶୁଭ ଓ ଅସୁଖ ଶକ୍ତିର ବିନାଶକାରୀ। ଗରୁଡ଼ମୁଖ ହେଉଛି ସବୁବେଳେ ବିଜୟ ପ୍ରାପ୍ତିର ସୂଚକ।

***କର୍ମକାଣ୍ଡ ବିଶାରଦ, ସେକ୍ଟର-୭, ସିଡିଏ, କଟକ***

## ଆସନ୍ତା ୧୮ରେ ବୃହତ୍ତର ନିଯୁକ୍ତି ମେଳା

ନିମାପଡ଼ା,(ନି.ପ୍ର.): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଗ୍ରାଜୁଏଟ୍ ଏବଂ ପୋଷ୍ଟ ଗ୍ରାଜୁଏଟ୍ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ବୃହତର ନିଯୁକ୍ତି ମେଳା ଆସନ୍ତା ୧୮ ତାରିକରେ ଅନୁଷ୍ଠିତ ହେବ ବୋଲି ଅଧକ୍ଷା ଅମିତା ମହାନାୟକ ଗଣମାଧମଙ୍କୁ ସୂଚନା ଦେଇଛନ୍ତି । ରାଜ୍ୟ ଏବଂ ରାଜ୍ୟ ବାହାରର ୧୫ଟି କମ୍ପାନୀ ଏହି ମେଳାରେ ଯୋଗ ଦେବେ ବୋଲି କଲେଜ କର୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି ।

## ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ତରଫରୁ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ଗ୍ରାମ ପଞ୍ଚାୟତ ପରିସରରେ ଏକ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସୋମବାର ଦିନ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରୟାସ କରାଯାଇଥିଲା । ଶିବିରରେ ସମୁଦାୟ ୧୦୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୦୦ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ହୋଇଥିବା ବେଳେ ୯ ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଥିଲା । ସେହି ସ୍ଥାନରେ ହିଁ ୫ ଗୋଟି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଏହି ଶିବିର ପରିଚାଳନା କରିଥିଲେ ।

## ଜନଗଣନା ଅଧିକାରୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ



କାଶୀନଗର(ନିପ୍ର):ସ୍ଥାନୀୟ ତହସିଲଦାର କାର୍ଯାଳୟ ପରିସରରେ ଜନ ଗଣନା ୨୦୨୬ ସକାଶେ ତାଲିମ ନେଇଥିବା ୧୨୬ ଜଣ ଏନ୍ୟୁମୀରେଟର ଓ ସୁପରଭାଇଜରଙ୍କୁ ତହସିଲଦାର ସୁଧୀର କୁମାର ନନ୍ଦ ନିଯୁକ୍ତି ପତ୍ର ବଣ୍ଟନ କାରି ଜନ ଗଣନା ନିର୍ଭୁଲ ଭାବେ କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି କାଶୀନଗର ଏନ ଏ ସି ରେ ପାଞ୍ଚ ଜଣ ସୁପେର ଭାଇଜର ଓ କୋଡିଏ ଜଣ ଏଣୁମୀରେଟର ଙ୍କୁ ମଧ ଜନଗଣନା ଦାୟିତ୍ୱରେ ଥିବା ଗୋଷ୍ଠୀ ସଂଗଠିକା ଉଜ୍ୱଳ ସ୍ୱାଲ ସିଂ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ । ଏହି ନିଯୁକ୍ତି ପତ୍ର ବଣ୍ଟନ ବେଳେ ସମସ୍ତ ଏନ୍ୟୁମୀରେଟର ଓ ସୁପେରଭାଇଜର ଉପସ୍ଥିତ ଥିଲେ ।

## ଆଦିକଳା ରତ୍ନ ସମ୍ମାନ-୨୦୨୬

ଭବାନୀପାଟଣା,(ନି.ପ୍ର): କଳାହାଣ୍ଡି ଜିଲ୍ଲାରୁ ପ୍ରତିଭାବାନ ବରିଷ୍ଠ ଶିକ୍ଷାବିତ ଯୋଗ ଶିକ୍ଷକ ଓ ଯୋଗ ପ୍ରଚାରକ ସରୋଜ କୁମାର ନନ୍ଦ, ଯୋଗ ପାଇଁ ଆଦିକଳା ମହୋତ୍ସବରେ ପୁରୀସ୍ଥିତ ଅର୍ଣ୍ଣପୂର୍ଣ୍ଣା ଥିଏଟର ଗ୍ରାଣ୍ଡ୍ ରୋଡ଼ ଠାରେ ALL INDIA ART & CULTURE COMMITTEE, CULTURAL DEVELOPMENT FOUNDATION ତରଫରୁ "ଆଦିକଳା ରତ୍ନ ସମ୍ମାନ" ପ୍ରାପ୍ତ କରିଥିଲେ । ପୂର୍ବରୁ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଖ୍ୟାତନାମା ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଠାରୁ ଗୁରୁଶ୍ରୀ ପ୍ରତିଭା ସମ୍ମାନ, ଯୋଗଶ୍ରୀ ସମ୍ମାନ, ମାଟିର ମହକ ସମ୍ମାନ, ଯୋଗ ପ୍ରଚାରକ ସମ୍ମାନ, ସେବା ସମ୍ମାନ, ଯୋଗ ସେବା ସମ୍ମାନ ଭଳି ଅନେକ ପ୍ରତିଭାବାନ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ଅନେକ ଶିକ୍ଷାନୁଷ୍ଠାନମାନଙ୍କରେ ମଧ ଯୋଗର ପ୍ରସାର ପ୍ରଚାର ପାଇଁ କାର୍ଯ୍ୟରତ । ରାଜ୍ୟ ତଥା ଦେଶରେ ଅନେକ ଅଞ୍ଚଳରୁ ନିମନ୍ତ୍ରଣ କ୍ରମେ ଯୋଗର ସୁଦୂର ପ୍ରସାରି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି ।

## ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର

ଭବାନୀପାଟଣା,(ନି.ପ୍ର) ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ ପହିଲାରୁ ଜିଲା ପ୍ରଶାସନ ପକ୍ଷରୁ ଓଡିଆ ପକ୍ଷ ପାଳନ କରାଯାଉଛି । ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ,ସମ୍ମାନିତ ଅତିଥି ଭାବେ ପୂର୍ବତନ ଭାରପ୍ରାପ୍ତ ଭି ସି ଡଃ ନିବେଦିତା ନାଥ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଡେପୁଟି ରେଜିଷ୍ଟର ଜୟଦେବ ସାହୁ, ଯୋଗଦେଇ କାର୍ଯ୍ୟକ୍ରମକୁ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।

# ଇଣ୍ଡୋର ଷ୍ଟାଡିୟମଠାରେ ନାରୀଶକ୍ତି ବନ୍ଦନ ସମ୍ମିଳନୀ




କଟକ, (ନିପ୍ର): ସୋମବାର ପୂର୍ବାହ୍ନରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡ଼ିୟମଠାରେ ନାରୀଶକ୍ତି ବନ୍ଦନ ସମ୍ମିଳନୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ମାଧ୍ୟମରେ ନାରୀ ସଶକ୍ତିକରଣ ଓ ସେମାନଙ୍କୁ ସ୍ୱାବଲମ୍ବୀ କରାଯିବା ସହ ଆର୍ଥିକ ଉନ୍ନତି ସୁରକ୍ଷା ଓ ମର୍ଯ୍ୟାଦା ସଂର୍ପକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଲୋକପାତ କରିଥିଲେ । ବାଜପେୟୀଙ୍କ ପ୍ରଧାନ ମନ୍ତ୍ରୀତ୍ୱ କାଳରେ ନାରୀଶକ୍ତି ପ୍ରତି ଧ୍ୟାନ ଦିଆଯାଇଥିବାବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ନାରୀ ସଶକ୍ତିକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବାର କହିଥିଲେ । ଆଜି ନାରୀମାନେ ବ୍ୟବସାୟ, ଚାକିରୀ ଓ ଶିକ୍ଷା ଦ୍ୱାରା ସ୍ୱାବଲମ୍ବୀ ହେଇପାରିଛନ୍ତି ଏବଂ ବିଶେଷ କରି ରାଜନୀତି କ୍ଷେତ୍ରରେ ନାରୀମାନେ ମଧ ପ୍ରତିନିଧିତ୍ୱ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଏସିପି ଅନନ୍ୟା ଅଓ୍ୱସ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମିନାକ୍ଷୀ ଠାକୁର, ଏସସିବି ମେଡ଼ିକାଲ ଅଧକ୍ଷା ପ୍ରଫେସର ଡା ପ୍ରତିଭା ପଣ୍ଡା, ବାଙ୍କୀ ଉପଜିଲ୍ଲାପାଳ ମନସ୍ୱିନୀ ଦାସ, ଜିଲ୍ଲାପରିଷଦ ଉପସଭାପତି ସୁଭଦ୍ରା ଦାସ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଏହି ନାରୀଶକ୍ତି ସମ୍ମିଳନୀ ଶୁଭାରମ୍ଭ ଅବସରରେ ସିଏମସି କମିଶନର କିରଣଦୀପ କୌର ସହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ପୁରସ୍କୃତ

ନିମାପଡ଼ା, (ନି.ପ୍ର.): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହଯୋଗ କ୍ରମେ ଏହି ବ୍ଲକ୍ ଅନ୍ତର୍ଗତ ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ 'ଓଡ଼ିଶାର ବରପୁତ୍ର ଗଣ ଓ ସେମାନଙ୍କ ଅବଦାନ' ସମ୍ବନ୍ଧରେ ବିଦ୍ୟାଳୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗୀତା ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ତ୍ରିଲୋଚନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ, କନିଷ୍ଠ ଓ ଉପ-କନିଷ୍ଠ ବିଭାଗରେ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ମିନର୍ଭା ସାହୁ, ଦୁଲଣା ବେହେରା, ଶୁଭ୍ରାରାଣୀ ବରାଳ ପ୍ରମୁଖ ବିଚାରକ ମଣ୍ଡଳୀ ଭାବେ ଯୋଗ ଦେଇ ପ୍ରବନ୍ଧ ଗୁଡ଼ିକ ମୂଲ୍ୟାୟନ କରିଥିଲେ । କୃତୀ ପ୍ରତିଯୋଗୀ ଅଭିଲିପ୍ସା ଦାଶ (ନବମ ଶ୍ରେଣୀ), ସତ୍ୟଜିତ ଦଳବେହେରା (ଦଶମ ଶ୍ରେଣୀ), ପ୍ରିୟାଂଶୀ ପ୍ରଧାନ (୧୦ମ), ଶୁଭଲକ୍ଷ୍ମୀ ବରାଳ (୭ମ), ଆୟୁଷ୍ମାନ ନାୟକ (୮ମ), ପି. ପ୍ରତ୍ୟୁଷା ପ୍ରଜ୍ଞାସ୍ମିତା (୮ମ), ସ୍ନେହାଶ୍ରୀ ମହାଁ (୫ମ ଶ୍ରେଣୀ) ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା



ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ପାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ଅବସରରେ ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ୟାସକବି ଫକୀରମୋହନଙ୍କ ପୁତ୍ର ମୋହିନୀମୋହନ ସେନାପତିଙ୍କ ପ୍ରବନ୍ଧ ସଂକଳନ 'ବିବିଧ ପ୍ରସଙ୍ଗ'ର ନୂତନ ସଂସ୍କରଣ, ପ୍ରଫେସର ମଣୀନ୍ଦ୍ର କୁମାର ବେହେରଙ୍କ 'ମୁକ୍ତିକାମୀ ମୋହିନୀ ମୋହନ' ଓ ଫକୀରମୋହନଙ୍କ ଜାୟାଦ ଡ.ମୋନିକ ଦାସଙ୍କ ଇଂରାଜୀ ପୁସ୍ତକ 'ଇଣ୍ଡିଆନ କଲ୍ ?ଟ ଅଫ୍ ବିଉଟି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଡ. ମିହିର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ପୁସ୍ତକର ସାହିତ୍ୟିକ ଗୁରୁତ୍ୱ, ଭାଷା, ଭାବ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ମୋନିକା ଦାସ ସମସାମୟିକ ଯୁବପିଢ଼ି ଆମ ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ ନିମନ୍ତେ ସଂକଳ୍ପବଦ୍ଧ ହୋଇ ଏହାର ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ବକ୍ତା ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରାବନ୍ଧିକ ମୋହିନୀମୋହନ ତାଙ୍କର ପ୍ରଚଣ୍ଡ ବୁଦ୍ଧିମତା ଓ ବୌଦ୍ଧିକ ଦାମ୍ଭିକତା ଯୋଗୁଁ ବହୁ ଯୁକ୍ତିନିଷ୍ଠ ତର୍କ ସମ୍ବଳିତ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ମାଧ୍ୟମରେ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ । ପ୍ରଫେସର ମଣିନ୍ଦ୍ର କୁମାର ମେହେର ସମ୍ମାନିତ ବକ୍ତାଭାବେ ଯୋଗ ଦେଇ ପ୍ରାବନ୍ଧିକ ମୋହିନୀମୋହନଙ୍କ ରଚନାର ବିବିଧତା ସଂପର୍କରେ ବ୍ୟାଖ୍ୟା କରିବା ସହ ତାଙ୍କ ପ୍ରବନ୍ଧରେ ରହିଥିବା ଦାର୍ଶନିକ ତତ୍ତ୍ୱ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ବିଶିଷ୍ଟ କବି ରକ୍ଷକ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧର ଗୁରୁତ୍ୱ ଓ ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ରଖିଥିଲେ ।

# ମେରୁ ଉପଲକ୍ଷେ ଦଣ୍ଡୁଆମାନେ କଣ୍ଟାରେ ଗଡିଲେ



ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଞ୍ଚଳରେ ପ୍ରତିବର୍ଷ ପରି ଚଳିତ ବର୍ଷ ଦଣ୍ଡଯାତ୍ରା ଚୈତ୍ର ମାସରେ ଆରମ୍ଭ ହୋଇ ମେରୁ ଉପବାସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ଏବଂ ଏହି ନିଷ୍ଠା ଉପବାସ ପଣା ସଂକ୍ରାନ୍ତି ଦିନ ସମାପ୍ତ ହୋଇଥାଏ । ଭାପୁର ବ୍ଲକ ଅଞ୍ଚଳରେ ୨୬ କୋଠିରେ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥାଏ । ପାଟଭକ୍ତା ପରେ ଦ୍ୱିତୀୟ ଭକ୍ତା ହେଉଛନ୍ତି ଦଣ୍ଡୁଆ । ଘୃତାଗ୍ନିରୁ ଜାତ ଧୁପାଗ୍ନି ଦଣ୍ଡ ଧରି ବିଭିନ୍ନ ପାରମ୍ପରିକ କୃଷି କର୍ମ ସହ ଦଣ୍ଡଖେଳ ଓ ଦଣ୍ଡ ନାଚ ଭାପୁର ଅଞ୍ଚଳ ର ବିଭିନ୍ନ ଗ୍ରାମରେ ପରିବେଷଣ ହୋଇଥାଏ ।ଦଣ୍ଡୁଆ ମାନଙ୍କର ଧୂପ ମାଡ କଳା ନୈପୂଣ୍ୟ ଓ କୌଶଳ ଭିନ୍ନଭିନ୍ନ ଠାଣିରେ ପ୍ରଦର୍ଶିତ କରିଥାନ୍ତି, ଯାହାକୁ ଦେଖିବାପାଇଁ ଶ୍ରଦ୍ଧାଳୁ ଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ପାଣି ତୋଳା ଠାରୁ ପ୍ରତିଦିନ ଠାକୁର ଶ୍ରଦ୍ଧାଳୁଙ୍କ ଦ୍ୱାରରେ ପୌରାଣିକ ଆଧାରିତ ନୃତ୍ୟ ପରିବେଷଣ ସହ ଦଣ୍ଡ ଖେଳ ହୋଇଥାଏ । ଏହି ଖେଳ ମେରୁପର୍ବ ସନ୍ଧ୍ୟାରେ ଓହଳ ତପ ପର୍ଯ୍ୟନ୍ତ ହୋଇ ନିଶା ରାତ୍ରରେ ଦଣ୍ଡ ଛପିଥାଏ ପୁଣି ଆଗାମୀ ବର୍ଷ ପାଇଁ । ମେରୁ ଶେଷ ତଥା ସଂକ୍ରାନ୍ତି ଦିନ ଦଣ୍ଡୁଆମାନେ କାଷ୍ଠା ଉପବାସ ର ନିଆଁ ରେ ଚାଲି ପରୀକ୍ଷା ଦେଇ ସଂକଳ୍ପ ସମାପ୍ତ କରିଥାନ୍ତି ।ଏହି ପରିପ୍ରେକ୍ଷୀରେ,ବିଜିପୁର ଗ୍ରାମର ଦଣ୍ଡୁଆ ମାନେ ସୋମବାର ଦିନ ଚଣ୍ଡୀ ଙ୍କ ନିକଟରେ କଣ୍ଟାରେ ଗଡି ଉପବାସ କୁ ଭଗ୍ନ କରିଥିଲେ ସତ କିନ୍ତୁ, ମଙ୍ଗଳବାର ପଣାସଂକ୍ରାନ୍ତି ପର୍ଯ୍ୟନ୍ତ କାଷ୍ଠାରେ ରହିବେ ।

## ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି: ଗ୍ରୀଷ୍ମ ଅବକାଶ ଛୁଟି ପାଇଁ ଦାବି



ବୋଲଗଡ ( ନିପ୍ର): ରାଜ୍ୟରେ ଦିନକୁ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ପ୍ରଚଣ୍ଡ ରୌଦ୍ର ତାପରେ ଚଳିତ ବର୍ଷ ପୂର୍ବ ବର୍ଷ ଅପେକ୍ଷା ଉତ୍ତାପର ରେକଡ଼ ଭାଙ୍ଗୁଛି । ରାଜ୍ୟ ସରକାରଙ୍କ ବିଭାଗୀୟ ଗଣନା ଅନୁସାରେ ଆରମ୍ଭରୁ ୪ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଗଣ ମାଧ୍ୟମରେ ଜଣାପଡିଛି । ଚଳିତ ବର୍ଷ କେବଳ ମୌସୁମୀ ବୃଷ୍ଟିପାତ ହେବା ବ୍ୟତୀତ ଲମ୍ବା ସମୟ ବର୍ଷା ନ ହେବା ଫଳରେ ଉତ୍ତାପ ବୃଦ୍ଧିର ମୁଖ୍ୟ କାରଣ ହୋଇପଡିଛି । ଗତ କିଛି ଦିନ ଧରି ଅପରାହ୍ନ ଅଦିନିଆ କାଳ ବୈଶାଖୀ ବର୍ଷା ଯୋଗୁଁ ଗୁଳୁଗୁଳି ବୃଦ୍ଧି ପାଇବା ଯୋଗୁଁ ଛାତ୍ରଛାତ୍ରୀମାନେ ଏହାର ସମ୍ମୁଖୀନ ହେଉଛନ୍ତି । ଏହା ଫଳରେ ଅଧୟନ କରୁଥିବା କୋମଳମତି ଶିଶୁ ଓ ଛାତ୍ରଛାତ୍ରୀମାନେ ଶାରୀରିକ ସ୍ୱାସ୍ଥ୍ୟ ଗତ ତଥା ଅଂଶୁଘାତ ହେବାର ଆଶଙ୍କାକୁ ନେଇ ବୋଲଗଡ ବ୍ଲକର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି । ଚଳିତ ବର୍ଷ ଗ୍ରୀଷ୍ମ ଋତୁ ଆରମ୍ଭରୁ ପ୍ରଚଣ୍ଡ ରୌଦ୍ର ତାପ ଏଭଳି ଭାବରେ ବୃଦ୍ଧି ପାଇଛି । ସକାଳ ୮ଟା ସମୟ ହେଲେ ପ୍ରଚଣ୍ଡ ଖରାରେ ଘରୁ ବାହାରିବା କଷ୍ଟକର ହୋଇପଡିଛି । ଅନ୍ୟ ପଟେ ବିଭିନ୍ନ କାରଣ ମଧ୍ୟରେ ମୌସୁମୀ ବର୍ଷା ପରେ ଲମ୍ବା ସମୟ ଧରି ବୃଷ୍ଟି ପାତ ହେବା ସୌଖିନି ଅଟ୍ଟାଳିକା,ରାସ୍ତା ଘାଟ ନିର୍ମାଣ ଏବଂ ବୋଲଗଡ ବ୍ଲକ ଗ୍ରାମାଞ୍ଚଳ ରାସ୍ତା ତଥା ପ୍ରମୁଖ ରାସ୍ତା ଗୁଡିକରେ ବନିକରଣ ନ ହେବା ଫଳରେ ଉତ୍ତାପ ବୃଦ୍ଧି ହେବା ପ୍ରମୁଖ କାରଣ ପାଲିଟିଛି । ବୋଲଗଡ ବ୍ଲକ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ର ତାପ ଦୃଷ୍ଟି କୋଣରୁ ଶିକ୍ଷାନୁଷ୍ଠାନ ଗୁଡିକରେ ଗ୍ରୀଷ୍ମ ଅବକାଶ ଛୁଟି ପାଇଁ ଜନସାଧାରଣମାନେ ଅଭିଭାବକ ଓ ଜନ ସାଧାରଣମାନେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଓ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## ଓଡ଼ିଆ ପକ୍ଷପାଳନ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ

କେନ୍ଦ୍ରାପଡ଼ା(ନିପ୍ର): ଓଡିଆ ପକ୍ଷ ପାଳନର ତ୍ରୟୋଦଶ ଦିନ ଅବସରରେ ଆଜି ଡେରାବିଶ ବ୍ଲକ ଅଧୀନସ୍ଥ ମିଶନ ଶକ୍ତି କାଫେ ପରିସରରେ ଜିଲ୍ଲାସ୍ତରୀୟ "ପାରମ୍ପରିକ ଖାଦ୍ୟ ଦିବସ" ବହୁ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପରମ୍ପରା, ସ୍ୱାଦ ଓ ପୌଷ୍ଟିକ ମୂଲ୍ୟକୁ ପ୍ରଚାର ଓ ପ୍ରସାର କରିବା ସହ ଲୋକମାନଙ୍କୁ ଏହା ପ୍ରତି ଆକୃଷ୍ଟ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ଲିଳିତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାରମ୍ପରିକ ଓଡ଼ିଆ ଖାଦ୍ୟର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ ଯେ, ଆମ ପାରମ୍ପରିକ ଖାଦ୍ୟ କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ସ୍ୱାସ୍ଥ୍ୟପ୍ରଦ ଓ ପୌଷ୍ଟିକ ମୂଲ୍ୟରେ ମଧ ସମୃଦ୍ଧ । ଏହାକୁ ଆମ ଦୈନନ୍ଦିନ ଜୀବନରେ ଅନୁସରଣ କରିବା ଦ୍ୱାରା ଆମେ ସୁସ୍ଥ ରହିପାରିବା ସହ ଆମ ପାରମ୍ପରିକତାକୁ ମଧ ସୁରକ୍ଷିତ ରଖିପାରିବା । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡେରାବିଶ ବିଡ଼ିଓ ନମିତା ବାରିକ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ଶେଖର ସାହୁ, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି ଓ ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,(ନିପ୍ର): ଜିଲ୍ଲା ପରିଷଦ କେନ୍ଦ୍ରାପଡ଼ାର ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ ।ଆଜିର ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୬୧ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ରହିଥିଲା । ତଦ୍‌ମଧ୍ୟରୁ ୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହା ସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଜଣଙ୍କୁ ମୋଟ ୧୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।
ଏହି ଶିବିରରେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତି ରଞ୍ଜନ ଗୌଡ଼, ବିଡିଓ ଅଭିଷେକ ସ୍ୱାଇଁ, ତହସିଲଦାର କୁଇନି ଜେନା ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଲଙ୍କା ଦହନ ବେଳେ ବେହୋସ ହେଲେ 'ହନୁ'

ବୁଗୁଡ଼ା(ନିପ୍ର): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ଶଙ୍କରୁ ଗ୍ରାମରେ ସୋମବାର ସକାଳୁ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା ।ଭାବସର ଓ କାନକୁଟୁରୁ ଦଣ୍ଡନାଚ ଚାଲିଥିବା ବେଳେ ଭାବସର ଗ୍ରାମର ହନୁମାନ ଅଭିନୟ କରୁଥିବା ବ୍ୟକ୍ତି ଜଣଙ୍କ ନଡ଼ିଆ ଗଛରେ ଚଢି ଦଉଡ଼ିରେ ଖସିବା ପାଇଁ ପ୍ରସ୍ତୁତି ବେଳେ ବେହୋସ୍ ହୋଇ ଗଛ ଉପରେ ଲାଖି ରହିଥିଲେ । ଲୋକେ ଚେଷ୍ଟା କରି ମଧ୍ୟ ହନୁମାନ ଚରିତ୍ରର ବ୍ୟକ୍ତିଙ୍କୁ ଉଦ୍ଧାର କରିପାରିନଥିଲେ । ସ୍ଥାନୀୟ ବ୍ୟକ୍ତି ବୁଗୁଡ଼ା ଥାନାକୁ ଘଟଣା ବିଷୟରେ ଜଣାଇଥିଲେ । ଖବର ପାଇ ବୁଗୁଡ଼ା ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ହନୁମାନଙ୍କୁ ଉଦ୍ଧାର କରି ପ୍ରଥମେ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ ।

## ୫୭ ୟୁନିଟ୍ ରକ୍ତ ସଂଗୃହୀତ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଦୟାନନ୍ଦ ଆଂଗ୍ଲୋ ବୈଦିକ (କେବିଡିଏଭି) ମହାବିଦ୍ୟାଳୟ ପରିସରରେ ଏକ ସ୍ୱଇଚ୍ଛୁକ ରକ୍ତଦାନ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । 'ଓଡ଼ିଆ ପକ୍ଷ' ପାଳନ ଅବସରରେ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ମୋଟ ୫୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଧିରେନ୍ଦ୍ର କୁମାର ରାଉତରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସକାଳ ୧୦ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

# ଉଦ୍‌ଯାପିତ ହେଲା ମାଆ କାଳୀଙ୍କ ୧୩ ଦିନିଆ ଯାତ୍ରା



ଆସିକା,(ନିପ୍ର) : ଆସିକା ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ମା' କାଳୀ ପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ମାସନ୍ତ ମେରୁପର୍ବ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଚୈତ୍ର ମାସର ଶେଷ ଓ ବୈଶାଖ ମାସର ପ୍ରାରମ୍ଭକୁ ମେରୁ ସଂକ୍ରାନ୍ତି ବୋଲି କୁହାଯାଇଥାଏ । ମାନସିକଧାରୀ ଦଣ୍ଡୁଆମାନେ ଦଣ୍ଡଯାତ୍ରା ସାମିଲ ହୋଇ ନିଷ୍ଠା, ଏକାଗ୍ରତାରେ ହାତରେ ବାନା, ପିଞ୍ଛମୁଠା, ପରଭା, ଦଣ୍ଡ, ହରପାର୍ବତୀଙ୍କ ମୂର୍ତ୍ତି, ଢୋଲ, ମହୁରୀ ଓ ଘଣ୍ଟର ଧ୍ୱନୀରେ ଧାରା ପୃଷ୍ଟ ପ୍ରକମ୍ପିତ କରି ଦଣ୍ଡ ପରିବେଷଣ କରିଥାଆନ୍ତି । ଆଜି ମାସନ୍ତ ମେରୁରେ ଆସିକା ଅଞ୍ଚଳରେ କେଉଁ ଆଦିମାନ କାଳରୁ ଥିବା ଆସିକା,କାଳକ୍ଷଣ୍ଡପୁର, ଚିନିଶିଙ୍କ ନୂଆଗାଁ ଓ ଖାରିଆ ଦଣ୍ଡଦଳର ଦଣ୍ଡନୃତ୍ୟ ଶେଷ ହୋଇଯାଇଛି । ମାନସିକଧାରୀ ଦଣ୍ଡଭୁକ୍ତାମାନଙ୍କୁ ନିଜ ନିଜ ଗ୍ରାମବାସୀ ବରଣ କରିବା ପରେ ଦଣ୍ଡଦଳ ଗ୍ରାମ ପରିକ୍ରମା କରି ପ୍ରଚଣ୍ଡ ଖରାରେ ଧୂଳିଦଣ୍ଡ ଏବଂ ପାଣିଦଣ୍ଡରେ ସାମିଲ ହୋଇଥିଲେ । ପରେ ମେରୁମଣ୍ଡପରେ ଏକତ୍ରିତ ହୋଇ ଢୋଲ, ଘଣ୍ଟର ମହୁରୀ, ଓ ତାଳେତାଳେ ଝୁଣା ମାଧ୍ୟମରେ ଜଣେ ଦଣ୍ଡୁଆଙ୍କୁ ଅଗ୍ନିରେ ମା' କାଳୀଙ୍କୁ ଆବାହନ କରିବା ଦୃଶ୍ୟ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଶ୍ରଦ୍ଧାଳୁମାନେ ଯେପରି ମେରୁମଣ୍ଡପର ଦୃଶ୍ୟ ସୁବିଧାରେ ଦର୍ଶନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଖରା ସତ୍ତ୍ୱେ ମାସନ୍ତ ମେରୁପର୍ବ ଉତ୍ସବରେ ଯୋଗଦେବାକୁ ମା' କାଳୀପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସନ୍ଧ୍ୟାରେ ମନ୍ଦିରଗୁଡ଼ିକରେ ଆଳତୀ ସମ୍ପନ୍ନ ପରେ ରାତ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ଥାନା ଅଧିକାରୀ ସୁଧୀର କୁମାର ସାହୁ ଏବଂ କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ ଙ୍କ ନେତୃତ୍ୱରେ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ । ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଆସିକା ଅଞ୍ଚଳର ପାରମ୍ପରିକ ୧୩ ଦିନିଆ ଦଣ୍ଡ ଯାତ୍ରା ପରିଚାଳନା ଦିଗରେ ବିଭିନ୍ନ ଦଣ୍ଡଦଳର ପରିଚାଳନା କମିଟି ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରିଥିଲେ ।

## ଶିଶୁମାନେ ହିଁ ଦେଶର ଭବିଷ୍ୟତ



ନିରାକାରପୁର,(ନିପ୍ର): ସ୍ଥାନୀୟ କାଇପଦର ସତ୍ୟପୀର ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା । ଉକ୍ତ ଉତ୍ସବରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବିଶିଷ୍ଟ ପରିବେଶବିତ୍ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ନିଜ ଅଭିଭାଷଣରେ ସେ କହିଥିଲେ ଯେ, 'ଶିଶୁମାନେ ହେଉଛନ୍ତି ଆଗାମୀ ଦିନର ସୁନାଗରିକ । ଯଦି ପିତାମାତା ଓ ଗୁରୁମାନେ ସେମାନଙ୍କର ଉପଯୁକ୍ତ ଯତ୍ନ ନେବେ, ତେବେ ସେମାନେ ଭବିଷ୍ୟତରେ ଏକ ଉଜ୍ଜ୍ୱଳ ସ୍ଥାନର ଅଧିକାରୀ ହୋଇପାରିବେ । ସମ୍ମାନିତ ଅତିଥି ଭାବେ କାଇପଦର ମଧ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଟକୃଷ୍ଣ ପରିଡ଼ା, ବିଶିଷ୍ଟ ସମାଜସେବୀ ଶେଖ୍ ସନାଉଲ୍ଲା ମିଆଁ, ଏବଂ ବିଦ୍ୟାଳୟର ସଭାପତି ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିପିନ ବିହାରୀ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ଚିନ୍ମୟୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

ତିଥି :(ଦ୍ୱାଦଶୀ): (ଶତଭିଷା କୁମ୍ଭ)
ପଣାସଂକ୍ରାନ୍ତି, ଓଡ଼ିଆ ନବବର୍ଷ
ଅମୃତ ବେଳା: ଦିବା ଘ ୭।୫୮ ଗତେ ଘ ୧୦।୨୨ ମଧ୍ୟେ

## ଆଜିର ଅନୁଚିନ୍ତନ



ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି, ଯେ ମୁକ୍ତ ହୋଇ ସାରିଛନ୍ତି, ଯାହାଙ୍କର ବୁଦ୍ଧି ସ୍ୱରୂପଭୂତ ଜ୍ଞାନରେ ଅବସ୍ଥିତ, କେବଳ ଯଜ୍ଞ ଉଦ୍ଦେଶ୍ୟରେ କର୍ମରତ ଏପରି ମନୁଷ୍ୟଙ୍କର ସମସ୍ତ କର୍ମ ବିଲୀନ ହୋଇଯାଏ। - ଶ୍ରୀମଦ୍ ଭଗବଦ୍ ଗୀତା

# ଉଦାହରଣୀୟ ପ୍ରତିଭା ଆଶା

ଭାରତୀୟ ସିନେମା ଓ ସଂଗୀତ ଜଗତକୁ ଅନନ୍ୟ ଅବଦାନ ଦେଇଥିବା ପଦ୍ମବିଭୂଷଣ ଆଶା ଭୋସଲେ ଇତିମଧ୍ୟରେ ପଞ୍ଚଭୂତରେ ଲୀନ ହୋଇଛନ୍ତି। ନିଜ କ୍ୟାରିୟରର ସାତଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ମଧ୍ୟରେ ତାଙ୍କର ଉତ୍ତରଣ, ଭାଷା, ପିଢି, ଭୂଗୋଳକୁ ଅତିକ୍ରମ କରିଛନ୍ତି ସେ। ଯେଉଁ ଅତୁଳନୀୟ ଅବଦାନ ଶ୍ରୋତା ମହଲକୁ ସେ ଛାଡ଼ି ଯାଇଛନ୍ତି ସେଥିରେ ରୋମାଣ୍ଟିକ ମେଲୋଡି କେବଳ ରହିନାହିଁ, ରହିଛି ଉଚ୍ଚାଙ୍ଗ ସଂଗୀତର ରୂପ, ଗଜଲ, କାବାରେ ଏପରିକି ପପ୍। ଚଳଚ୍ଚିତ୍ର ସଂଗୀତଠାରୁ ଆରମ୍ଭ କରି ସ୍ୱାଧୀନ ଭାବରେ ଆଲବମ୍ ପ୍ରସ୍ତୁତ କରି କିଛି ଅଭୁଲା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ପ୍ରଚ୍ଛଦପଟ୍ଟ ଗାୟନରେ ଯଦି ସେ ପାରମ୍ପରିକତାକୁ ଜାବୁଡ଼ି ଧରିଥାନ୍ତେ ତେବେ ସଂଗୀତର ବର୍ଣ୍ଣିଳ ସୀମା ସରହଦକୁ କେବେ ଅତିକ୍ରମ କରିପାରି ନ ଥାନ୍ତେ। ଭାରତୀୟ ସଂଗୀତ ଜଗତର ଅତୁଳନୀୟତା ବିଶ୍ୱର ବିବିଧ ବର୍ଗର ଶ୍ରୋତାଙ୍କୁ ବାନ୍ଧି ରଖିବାରେ ଅନ୍ତର୍ଜାତୀୟ କଳାକାରଙ୍କ ସହ ଆଶା ଯେଉଁ ସହଭାଗିତା କରିଥିଲେ, ତାହା ତାଙ୍କୁ ବୈଶ୍ୱିକ ସଂଗୀତ ସାମ୍ରାଜ୍ୟରେ ସ୍ୱତନ୍ତ୍ର କରି ଗଢି ତୋଳିଥିଲା। ଫଳରେ ସେ ପ୍ରଥମ ଭାରତୀୟ ଭାବରେ ଗ୍ରାମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।

ଦର୍ଶକଙ୍କ ମନସ୍ତତ୍ତ୍ୱକୁ ସେ ଖୁବ୍ ଭଲ ଭାବରେ ଉପଲବ୍ଧି କରିପାରିଥିଲେ। କ'ଣ ଚାହାନ୍ତି ଦର୍ଶକ? କେଉଁ ସ୍ୱରରେ ବାନ୍ଧିହେବ? ତାହାର କିମିଆ ତାଙ୍କ ଅନ୍ତର ଭିତରେ ବସାବାନ୍ଧି ରହିଥିଲା। ତେଣୁ ସେ ଶବ୍ଦରେ ସ୍ୱରକୁ ଅନୁରଣିତ କରିବାରେ ଯେଉଁ ସଫଳତା ଅର୍ଜନ କରିଥିଲେ, ତାହାକୁ ଖୁବ୍ କମ୍ କିମ୍ବଦନ୍ତୀର ଗାୟିକାଙ୍କ କ୍ଷେତ୍ରରେ ଘଟିଛି। 'ପିୟା ତୁ ଅବ୍ ତୋ ଆଜା' ହେଉ କି 'ଦମ୍ ମାରୋ ଦମ୍' ଭଳି ଗୀତର ଅଂଶକୁ ଅଦ୍‌ଭୂତ ଯାଦୁଗରିତାରେ ସେ କେବଳ ବାନ୍ଧି ନ ଥିଲେ,ଅଧିକନ୍ତୁ ଦର୍ଶକଙ୍କ ହୃଦୟକୁ ମଧ୍ୟ ଏଥିରେ ଯୋଡ଼ି ଦେଇଥିଲେ। ଅନେକ ଭାଷାର ସୁର-ତାଳ-ଲୟରେ ତାଙ୍କ ବ୍ୟାପକ ସ୍ୱରର ସୁବର୍ଣ୍ଣସ୍ପର୍ଶ ଶ୍ରୋତାଙ୍କ ସ୍ମୃତିପଟ୍ଟକୁ ସମୃଦ୍ଧ କରିଥିବା ଦିଗକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏପରି ପ୍ରତିଭା ସଦାକାଳେ ଅମର ଓ ଜାଜ୍ୱଲ୍ୟମାନ।

ଭାରତୀୟ ଚଳଚ୍ଚିତ୍ର ଜଗତରେ ସେ ତାଙ୍କର କଣ୍ଠଦାନ କରି ଯେଉଁ ଝଟକୁଥିବା ସ୍ତମ୍ଭ ନିର୍ମାଣ କରିଯାଇଛନ୍ତି ତାହାକୁ ଆଗାମୀ ପିଢିରେ ଗାୟକଗାୟିକାମାନେ କେବେହେଲେ ଭୁଲିପାରିବେ ନାହିଁ। ଆଶା କେବଳ କିମ୍ବଦନ୍ତୀର ଗାୟିକା ନୁହନ୍ତି, ବରଂ ବିଭିନ୍ନ ଆବେଗ, ଭାବକୁ ସ୍ୱରର ଅଦଭୂତ ମାୟାରେ ବାନ୍ଧି ଯେଉଁ ଅବଦାନ ଦେଇଛନ୍ତି, ତାହା ତାଙ୍କୁ ସମୟାତୀତ କରିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ଜୀବନର ନାନା ସଂଘର୍ଷ ସତ୍ତ୍ୱେ ଅସୀମ ନିଷ୍ଠା ଓ ଅଧ୍ୟବସାୟକୁ ସାଥୀ କରି ଆଗକୁ ବଢିବା କେବଳ ତାଙ୍କ ଭଳି ପ୍ରତିଭାଶାଳିନୀଙ୍କ କ୍ଷେତ୍ରରେ ହିଁ ଘଟିଥାଏ, ଯାହା ପର ପିଢି ପାଇଁ ଏବେ ଉଦାହରଣୀୟ।

# ସଂସ୍କୃତି ଓ ପରମ୍ପରାର ବାହକ ଓଡ଼ିଆ ନବବର୍ଷ

**ଚିତ୍ତରଞ୍ଜନ ପୃଷ୍ଟି**

**"ମହାବିଷୁବ ସଂକ୍ରାନ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ଏହିଦିନ ସୂର୍ଯ୍ୟ ବିଷୁବରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁଁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପଣାଭର୍ତ୍ତି ଛୋଟ ଠେକି ରଖିଥାନ୍ତି।**

ପୁଣ୍ୟଭୂମି ଭାରତରେ ଓଡ଼ିଶା ମହାନ ସଂସ୍କୃତି ଓ ପରମ୍ପରାର ଦେବଭୂମି ରୂପେ ପ୍ରସିଦ୍ଧ ।ଜଗନ୍ନାଥ ସଂସ୍କୃତିକୁ ନେଇ ଓଡ଼ିଆମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି । ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପର୍ବ ପାଳନ କରି ଓଡ଼ିଆମାନେ ନିଜର ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିଥାନ୍ତି ।ମାନବ ଜୀବନ ସର୍ବଦା କର୍ମମୟ ।ଏହି କର୍ମମୟ ଜୀବନ ଭିତରେ ମଣିଷ ଚାହେଁ କ୍ଲାନ୍ତିର ଲାଘବ ଓ ଶାନ୍ତି ।ଏହି ଉଦ୍ଦେଶ୍ୟରେ ସୃଷ୍ଟି କରାଯାଇଛି ପର୍ବପର୍ବାଣି । ପର୍ବପର୍ବାଣି ଗୁଡ଼ିକ ଆମପାଇଁ ଆଣିଦିଏ ଅବସର ଓ ଉପଭୋଗର ସୁଯୋଗ।

ଉତ୍କଳୀୟ ପରମ୍ପରା ଅନୁସାରେ ଓଡ଼ିଆମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ତନ୍ମଧ୍ୟରୁ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଅନ୍ୟତମ । ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି)କୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପଣା ସଂକ୍ରାନ୍ତିରେ ଅନ୍ୟ ନୂତନ ବର୍ଷ ଭଳି ଏକ ପୁରୁଣା ବର୍ଷକୁ ବିଦାୟଦେଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥାଏ ।ଏହା ସାଧାରଣତଃ ଏପ୍ରିଲ ୧୪ ତାରିଖ ବୈଶାଖ ମାସ ପ୍ରଥମ ଦିନରେ ପଡ଼ିଥାଏ। ଏହି ଦିନ ଠାରୁ ବସନ୍ତ ଋତୁ ଶେଷ ଓ ଗ୍ରୀଷ୍ମ ଋତୁର ଆରମ୍ଭ ହୋଇଥାଏ। ବୈଶାଖ ମାସ (ଏପ୍ରିଲ-ମେ)ର ସଂକ୍ରାନ୍ତିକୁ ମେଷ ସଂକ୍ରାନ୍ତି କୁହାଯାଏ । ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ । ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତି ଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ । ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । ଓଡ଼ିଆମାନେ ଏହି ଦିନଟିକୁ ନବବର୍ଷ ଭାବେ ମଧ୍ୟ ପାଳନ କରିଥାଆନ୍ତି । ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟରାଶି ଗମନକୁ ସଂକ୍ରାନ୍ତି କହନ୍ତି । ପ୍ରତି ଇଂରାଜୀ ମାସର ୧୩ ତାରିଖଠାରୁ ୧୫ ତାରିଖ ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ଏକ ରାଶିକୁ ଗମନ କରିବା ଯୋଗୁଁ ସୂର୍ଯ୍ୟଙ୍କର ସଂକ୍ରମଣ କ୍ରିୟା ବା ସଂକ୍ରାନ୍ତି ହୁଏ । ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବରେ ଗ୍ରହଣ କରାଯାଏ। ମହାବିଷୁବ ସଂକ୍ରାନ୍ତିର ପବିତ୍ର ଅବସର ଓଡ଼ିଆମାନଙ୍କ ଲାଗି ବର୍ଷର ପ୍ରଥମ ଦିନ ।

ଓଡ଼ିଶାରେ ମହାବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ସ୍ୱତନ୍ତ୍ର । କାରଣ ଏହା ସହିତ ଯୋଡିହୋଇ ରହିଛି କଳା ,ସଂସ୍କୃତି, ପରମ୍ପରା ,ଚଳଣି ଓ ଆଞ୍ଚଳିକ ଧର୍ମ ଧାରଣା। ପୁରାଣ ଅନୁସାରେ ମହାବୀର ହନୁମାନ ବିଷୁବ ସଂକ୍ରାନ୍ତିରେ ଜନ୍ମ ଗ୍ରହଣ କରିଥିଲେ। ସେ ଦେବଦେବ ମହାଦେବଙ୍କ ପରମ ଭକ୍ତ। ତେଣୁ ହିନ୍ଦୁମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ପବିତ୍ର ଦିବସ ଅଟେ। ଏହି ଦିବସକୁ ଓଡ଼ିଆମାନେ ହନୁମାନ ଜୟନ୍ତୀ ଭାବେ ପାଳିଥାନ୍ତି । ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ଏହିଦିନ ଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ।

ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ଏହିଦିନ ସୂର୍ଯ୍ୟ ବିଷୁବରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପଣାଭର୍ତ୍ତି ଛୋଟ ଠେକି ରଖିଥାନ୍ତି। ଏହା ତଳେ ଏକ ଛୋଟ ଛିଦ୍ର ଥାଏ। ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ। ମାନ୍ୟତା ରହିଛିକି ଗ୍ରୀଷ୍ମ ଦାଉରୁ ତୁଳସୀଙ୍କୁ ରକ୍ଷା କରିବା ପାଇଁ ଏହି ଛୋଟ ଟୋପା ଟୋପା ଜଳ ବର୍ଷାର ଅନୁଭୂତି ଆଣିଦେଇଥାଏ ।ଏହି ଦିନଟିକୁ ମଧ୍ୟ ଓଡ଼ିଆ ନବବର୍ଷ ଭାବରେ ପାଳନ କରାଯାଏ। ଏହି ଦିନଠାରୁ ସୂର୍ଯ୍ୟ କିରଣ ବୃଦ୍ଧି ପାଇବା ସହ ହଜମ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ। ଦେହର ଅତ୍ୟଧିକ ତାପ ଶକ୍ତି ସମ ଅବସ୍ଥାକୁ ଆଣିବା ପାଇଁ ପଣା ପାନର ବ୍ୟବସ୍ଥା ମଧ୍ୟ କରାଯାଏ। ଏହି ଦିନ ପେଟକୁ ଥଣ୍ଡା ରଖିବାକୁ ପାଇଁ ପାରମ୍ପରିକ ଭାବେ ଥଣ୍ଡା ପାନୀୟର ଶୁଭାରମ୍ଭ ହୋଇଥାଏ । ସେଥିପାଇଁ ଏହାକୁ ପଣା ସଂକ୍ରାନ୍ତି ମଧ୍ୟ କୁହାଯାଏ । ତେଣୁ ମହାବିଷୁବ ସଂକ୍ରାନ୍ତି ଦିନରେ ବିଭିନ୍ନ ଦେବଦେବୀ ମନ୍ଦିର ମାନଙ୍କରେ ପଣା ଭୋଗର ବିଧି ରହିଛି। ଏହି ଦିନ ସାହିପଡ଼ିଶା, ବନ୍ଧୁବାନ୍ଧବ ମାନଙ୍କୁ ପଣା ଦିଆଯାଏ। ତେଣୁ ଏହି ଦିନକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ । କ୍ଷୀର,ଦହି ,ନଡ଼ିଆ ,ବେଲ ,ମିଶ୍ରି ପ୍ରଭୃତିରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ପ୍ରସାଦ ରୂପେ ଦେବାଦେବୀଙ୍କ ନିକଟରେ ସମର୍ପଣ କରାଯାଏ। ପଣା ସଂକ୍ରାନ୍ତିଠାରୁ ରାସ୍ତାକଡ଼ରେ ପଥିକ ମାନଙ୍କର ତୃଷ୍ଣା ନିବାରଣ ପାଇଁ ଜଳଛତ୍ରମାନ ଖୋଲାଯାଏ। ଏହା ସହିତ ବୃକ୍ଷମୂଳରେ ଜଳଦାନର ପ୍ରଥା ଆମ ସମାଜରେ ପ୍ରଚଳିତ। ଏହି ସଂକ୍ରାନ୍ତି ପରଠାରୁ ବୃକ୍ଷ ଜଗତ ଏବଂ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ।

ପଣା ସଂକ୍ରାନ୍ତି ପରଠାରୁ ବାୟୁର ଗତି ମଧ୍ୟ ପ୍ରଖର ହୁଏ। ଉଭୟ ଅଗ୍ନି ଓ ବାୟୁଙ୍କ ପ୍ରକୋପରୁ ରକ୍ଷାପାଇବା ପାଇଁ ଏହି ସମୟରେ ହନୁମାନ ଜୟନ୍ତୀ ପାଳନ କରାଯାଏ। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ଓଡ଼ିଶାର ଅନେକ ଅଞ୍ଚଳରେ ଏହି ବ୍ରତ ଉପଲକ୍ଷେ ଯାତ୍ରା ହୁଏ। ଏହାକୁ ଝାମୁ ବା ପାଟୁଆ ଯାତ୍ରା କହନ୍ତି।

ଦଣ୍ଡନାଚ ଏକ ପ୍ରାଚୀନ ଓ ପାରମ୍ପରିକ ନାଚ । ମାନସିକ ପୂରଣ ପାଇଁ ସାଧାରଣତଃ ଏହା କରାଯାଏ । ରୋଗବଇରାଗ ନିବାରଣ, ପାରିବାରିକ କଷ୍ଟ ଦୂରୀକରଣ, କୃଷିର ଉନ୍ନତି ବା ମନୋକାମନା ପୂର୍ତ୍ତିର ଫଳ ସ୍ୱରୂପ ଶରୀରକୁ କଷ୍ଟ ଦେଇ ମା' ଦଣ୍ଡକାଳୀ ଓ ରୁଦ୍ର ମହାଦେବଙ୍କୁ ଧ୍ୟାନ କରି ଚୈତ୍ରମାସ ପୂର୍ଣ୍ଣିମା ପରଠାରୁ ଭକ୍ତମାନେ ରହିଥାନ୍ତି । ପୌରାଣିକ, କୃଷିଭିତ୍ତିକ ଏବଂ ସାଧାରଣ ଜୀବନ ଦର୍ଶନର ପ୍ରଭାବ ଦଣ୍ଡନାଚରେ ଦେଖିବାକୁ ମିଳିଥାଏ । ବିଷୁବ ସଂକ୍ରାନ୍ତି ଦିନ ଦଣ୍ଡନାଚ ଶେଷ ହୁଏ ।ଓଡ଼ିଶାରେ ଗଞ୍ଜାମ ଜିଲ୍ଲାରେ ଦଣ୍ଡଯାତ୍ରା ଖୁବ୍ ପ୍ରସିଦ୍ଧ ।ନୂତନ ଆଶା, ସୁଯୋଗ ଏବଂ ସଂକଳ୍ପ ସହିତ ଓଡିଶାର ଲୋକମାନେ ଏହି ପର୍ବରେ ଅଂଶଗ୍ରହଣ କରନ୍ତି, ପାଳନ କରନ୍ତି ଏବଂ ନୂତନ ବର୍ଷର ଆଗମନକୁ ଉପଭୋଗ କରନ୍ତି। ବାସ୍ତବରେ ପର୍ବପର୍ବାଣି ମଣିଷ ଜୀବନରେ ଶ୍ରଦ୍ଧା,ସ୍ନେହ ଓ ପ୍ରେମର ଆବେଗ ସୃଷ୍ଟି କରିଥାଏ । ସମାଜ ସହିତ ପର୍ବପର୍ବାଣି ସଂଶ୍ଳିଷ୍ଟ ଥିବାରୁ ସାମାଜିକ ଜୀବନକୁ ଏହା ବହୁ ଭାବରେ ପ୍ରଭାବିତ କରିଥାଏ ।ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ପର୍ବପର୍ବାଣିର ଅବଦାନ ଯଥେଷ୍ଟ । ପର୍ବ ଓଡ଼ିଶାର ଗର୍ବ । ଓଡ଼ିଆ ଜାତିର ସ୍ୱାଭିମାନର ପରିଚୟ ତା'ର ପର୍ବପର୍ବାଣିରେ ନିହିତ । ନୈତିକ ମୂଲ୍ୟବୋଧ , ସାଂସ୍କୃତିକ ସଚେତନତା ଓ ବନ୍ଧୁତାର ବିକାଶ ତଥା ସଂସ୍କୃତି ଓ ପରମ୍ପରାର ସୁରକ୍ଷା କରିବା ସହିତ ଓଡ଼ିଆ ଭାଷା ଓ ଜାତିର ସ୍ୱାଭିମାନକୁ ବଜାୟ ରଖିବା ଏହି ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେବା ବାଞ୍ଛନୀୟ ।

ନିମାପଡା, ପୁରୀ
ମୋ-୯୭୭୮୧୭୭୫୦୧

# ବିଷୁବ ଆଧ୍ୟାତ୍ମିକ ଚେତନା ଓ ଓଡ଼ିଆ ନବ ବର୍ଷ

**ନିବେଦିତା ପ୍ରିୟଦର୍ଶିନୀ ଶୁକ୍ଳା**

ଗରିମାମୟ ଉତ୍କଳୀୟ ଚେତନାରେ ପବିତ୍ର ମହାବିଷୁବ ସଂକ୍ରାନ୍ତିର ସ୍ଥାନ ସ୍ୱତନ୍ତ୍ର। ସବୁଠାରୁ ବଡ଼ କଥା ହେଉଛି ଘର ଦ୍ୱାର ମୁହଁରେ ଥିବା ଦେବୀ ବୃନ୍ଦାବତୀଙ୍କ ମୂଳରେ ପାରମ୍ପରିକ ବସନ୍ତରା ଘଡ଼ି ବସିବା ସହ ଏହି ଦିନ ଠାରୁ ନୂଆ ପଞ୍ଜିକା ଆରମ୍ଭ ହୋଇଥାଏ। ଧର୍ମ ଓ ପୁଣ୍ୟମାସ ବୈଶାଖ ଓ ବିଷୁବ ସଂକ୍ରାନ୍ତି ଅବସରରେ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। କେବଳ ଧର୍ମୀୟ ଦୃଷ୍ଟିକୋଣ ନୁହେଁ ଜ୍ୟୋତିଷ ଶାସ୍ତ୍ର ଦୃଷ୍ଟିକୋଣରୁ ଏହି ବୈଶାଖ ମାସ ଆରାଧ୍ୟ ବିଷ୍ଣୁଙ୍କ ପ୍ରିୟମାସ ଭାବେ ସମସ୍ତେ ଏହି ମାସଟିକୁ ମାଧବ ମାସ ନାମରେ ଜାଣିଥାନ୍ତି। ଏହି ମାସରେ ଅକ୍ଷୟ ତୃତୀୟା ପରି ପବିତ୍ର ଦିନ ମଧ୍ୟ ଅନୁଷ୍ଠିତ ହୋଇଥାଏ। ବିଷୁବ ସଂକ୍ରାନ୍ତିର ଆଧ୍ୟାତ୍ମିକ ଚେତନା ଢ଼େର୍ ରହିଛି। ବିଷୁବ ସଂକ୍ରାନ୍ତି ଓଡ଼ିଆଙ୍କ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବନାକୁ ଯେତିକି ଦୃଢ଼ୀଭୂତ କରିଛି ସେତିକି ପୁଣ୍ୟମୟ ମଧ୍ୟ କରିପାରିଛି।

ଆମ ଆବହମାନ ସମୟରୁ ସୌରମାନ ଗଣନାକୁ ଦେଖି ସୂର୍ଯ୍ୟ ଗୋଟିଏ ରାଶିରୁ ଅନ୍ୟ ରାଶିକୁ ଗମନ କରିଥାନ୍ତି। ସେହି ଦିନର ମାସଟି ସଂକ୍ରାନ୍ତି ବା ମାସ



ଆରମ୍ଭର ପ୍ରଥମ ଦିନ ଭାବେ ବୁଝାଯାଏ। ଓଡ଼ିଆ ନବବର୍ଷର ପ୍ରଥମ ଦିନ ଏହି ମହାବିଷୁବ ସଂକ୍ରାନ୍ତି ହୋଇଥିବାରୁ ଘରେ ଘରେ ଆନନ୍ଦ ଉଲ୍ଲାସ ଭିତରେ ଦେବାଦେବୀ ମନ୍ଦିରରେ ବିଭିନ୍ନ ମଠ ମନ୍ଦିର ଆଦି ସ୍ଥାନରେ ଯଜ୍ଞ, ନାମ ସଂକୀର୍ତ୍ତନ, ହୋମ ଓ ନିତ୍ୟ ପୂଜାପାଠ ଅନୁଷ୍ଠିତ ହୋଇଥାଏ। ଏହି ଦିନରେ ବିଭିନ୍ନ ମନ୍ଦିରରେ ଛତୁର ପଣା ନୈବେଦ୍ୟ ଭାବରେ ସମର୍ପଣ ହୋଇଥାଏ। ଅନେକ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପଥଚାରୀ ବା ଅସହାୟ ତୃଷାର୍ତ୍ତମାନଙ୍କ ପାଇଁ ଜଳଛତ୍ର ଖୋଲିଥାନ୍ତି। ଏହି ଦିନ ଠାରୁ ଚଉଁରାରେ ତୁଳସୀ ଗଛର ଉପରି ଭାଗରେ ଏକ ପ୍ରକାର ଛାମୁଡ଼ିଆ ବ୍ୟବସ୍ଥା କରାଯାଇ ଠେକି ରଖି ଅତି କ୍ଷୁଦ୍ର କଣା ଦ୍ୱାରା ଜଳାଧାରର ବ୍ୟବସ୍ଥା ରଖାଯାଏ। ଏହି ଦିନଟି ମଧ୍ୟ ଆରାଧ୍ୟ ମହାବୀର ହନୁମାନଙ୍କ ଜୟନ୍ତୀ ଭାବେ ପୂଜିତ। ତେବେ ମହାବିଷୁବ ସଂକ୍ରାନ୍ତିରେ ଆମ ଓଡ଼ିଶାର ବିଭିନ୍ନ ସ୍ଥାନ ମାନଙ୍କରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମାସାଧିକ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରରେ ପ୍ରକମ୍ପିତ ହୋଇଥାଏ ସାହିଯାତ। ବିଶ୍ୱାସ ରହିଛି ଏହି ଦିନରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଭଗବାନ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କ ଚଳନ୍ତି ବିଗ୍ରହ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥାନ୍ତି। ସେହିଭଳି ବାଲେଶ୍ୱର ଜିଲ୍ଲାର ଶୈବ କ୍ଷେତ୍ର ଚନ୍ଦନେଶ୍ୱରରେ ପ୍ରସିଦ୍ଧ ଚଡ଼କ ମେଳା ପାଖାପାଖି ତିରିଶ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ସେହିପରି ବୌଦ୍ଧ, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଆଦି ଜିଲ୍ଲାରେ ପାରମ୍ପରିକ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ବିଷୁବ ସଂକ୍ରାନ୍ତିରେ ଦଶପଲ୍ଲାର ଲଙ୍କାପୋଡ଼ି ଯାତ୍ରା ସ୍ୱତନ୍ତ୍ର। ଶ୍ରୀ ମହାବୀର ହନୁମାନଙ୍କ ଉଦ୍ଦେଶ୍ୟରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ସେହିପରି କାକଟପୁରର ଆରାଧ୍ୟା ଅଧିଷ୍ଠାତ୍ରୀ ମାଆ ମଙ୍ଗଳାଙ୍କ ଚୈତ୍ର ପ୍ରଥମ ମଙ୍ଗଳବାର ଠାରୁ ଏକ ମାସ ବ୍ୟାପୀ ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଘଟଗାଁରେ ତାରିଣୀଙ୍କ ପୀଠରେ ମଧ୍ୟ ଝାମୁଯାତ୍ରା ଆରମ୍ଭ ହୋଇଥାଏ। ଗଞ୍ଜାମ ଜିଲ୍ଲାର ପ୍ରାଚୀନ ପରମ୍ପରା ଅନୁଯାୟୀ ମେରୁ ପର୍ବ ଅନୁଷ୍ଠିତ ହୋଇଥାଏ। ତେବେ ଉତ୍କଳୀୟ ସ୍ୱତନ୍ତ୍ରତାର ଏକ ନିଆରା ପର୍ବ ଭାବରେ ମୟୂରଭଞ୍ଜର ଉଡା ପର୍ବ ସ୍ୱତନ୍ତ୍ର। ଚୈତ୍ର ମାସରେ ପାଳିତ ହୋଇ ପ୍ରଥମ ବୈଶାଖରେ ଏହା ଉଦ୍‌ଯାପିତ ହୋଇଥାଏ। ଭାରତ ବର୍ଷର ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି ସ୍ଥାନୀୟ ପ୍ରାଚୀନତମ ପରମ୍ପରାକୁ ଦୃଷ୍ଟିରେ ରଖି ଅନୁଷ୍ଠିତ ହୋଇଥାଏ। ମହାବିଷୁବ ସଂକ୍ରାନ୍ତି ଓଡ଼ିଆଙ୍କ ଏକ ବିଶିଷ୍ଟ ପର୍ବ ଭାବେ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ଼ ଓ ପୁଷ୍କଳ କରିଛି। ବିଷୁବ ସଂକ୍ରାନ୍ତି କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ଥିବା ଅନେକ ଦେବାଦେବୀଙ୍କ ପୀଠରେ ପୂଜା କାର୍ଯ୍ୟକ୍ରମ ସମାପିତ ହୋଇଥାଏ। ଆଧ୍ୟାତ୍ମିକ ଜୀବନ ଓ ଲୋକାଚାରରେ ମହାବିଷୁବର ସ୍ଥାନ ଓ ମହିମା ସ୍ୱତନ୍ତ୍ର ଓ ଅନନ୍ୟ ନିଶ୍ଚୟ।

ମୋ : ୭୦୦୮୪୭୮୯୮୬

# ଜାତି ବିରୋଧରେ ନିରଳସ ସଂଗ୍ରାମର ପ୍ରତୀକ ଡ. ଆମ୍ବେଦକର

**ଅସିତ ମହାନ୍ତି**

**"'ଜାତିର ବିନାଶ' ହେଉଛି ଡକ୍ଟର ଆମ୍ବେଦକରଙ୍କ ସବୁଠାରୁ ପ୍ରସିଦ୍ଧ ଐତିହାସିକ ବକ୍ତବ୍ୟ, ଯାହା ତାଙ୍କୁ ଲାହୋରର ଜାତପାତ ତୋଡକ ମଣ୍ଡଳର ୧୯୩୬ ରେ ଅଧିବେଶନ ପାଇଁ ଆଧକ୍ଷୀୟ ଭାଷଣ ଭାବରେ ଲେଖାଯାଇଥିଲା । କିନ୍ତୁ ମତ ସହ ମତଭେଦ ହେତୁ ଅଧିବେଶନ ବାତିଲ ହୋଇଯାଇଥିଲା । ଏହି ବକ୍ତୃତା ଆଜି ମଧ୍ୟ ପ୍ରାସଙ୍ଗିକ, କାରଣ ଜାତିର ପ୍ରଶ୍ନ ହିନ୍ଦୁ ସମାଜର ସବୁଠାରୁ ଜ୍ୱଳନ୍ତ ପ୍ରଶ୍ନ ଯାହା ବିରୋଧରେ ଆମ୍ବେଦକର ଆଜୀବନ ସଂଘର୍ଷ କରିଥିଲେ । ଡକ୍ଟର ଆମ୍ବେଦକର ହେଉଛନ୍ତି ପ୍ରଥମ ଭାରତୀୟ ସମାଜବିଜ୍ଞାନୀ ଯିଏ ହିନ୍ଦୁ ସମାଜରେ ଜାତିର ଉତ୍ପତ୍ତି ଏବଂ ବିକାଶ ବିଷୟରେ ବୈଜ୍ଞାନିକ ଅଧ୍ୟୟନ କରିଥିଲେ।**

ଭୀମରାଓ ରାମଜୀ ଆମ୍ବେଦକର, ଡ. ବାବାସାହେବ ଆମ୍ବେଦକର (୧୪ ଏପ୍ରିଲ ୧୮୯୧ - ୬ ଡିସେମ୍ବର ୧୯୫୬) ଭାବରେ ଜଣାଶୁଣା ଜଣେ ଭାରତୀୟ ବିଦ୍ୱାନ, ଆଇନଜୀବୀ, ଅର୍ଥନୀତିଜ୍ଞ, ରାଜନେତା ଏବଂ ସାମାଜିକ ସଂସ୍କାରକ ଥିଲେ। ସେ ଦଳିତ ବୌଦ୍ଧ ଆନ୍ଦୋଳନକୁ ପ୍ରେରଣା ଦେଇଥିଲେ ଏବଂ ଅସ୍ପୃଶ୍ୟ ବ୍ୟକ୍ତିଙ୍କ ବିରୋଧରେ ସାମାଜିକ ଭେଦଭାବ ବିରୋଧରେ ପ୍ରଚାର କରିଥିଲେ। ଶ୍ରମିକ, କୃଷକ ଏବଂ ମହିଳାଙ୍କ ଅଧିକାରକୁ ମଧ୍ୟ ସମର୍ଥନ କରିଥିଲେ । ସର୍ବୋପରି ସେ ଆମ ଦେଶ ଭାରତର ସମ୍ବିଧାନ ଲେଖିବାରେ ଅମୂଲ୍ୟ ଯୋଗଦାନ ଦେଇଥିଲେ । ଆମ୍ବେଦକର ଜଣେ ବିରାଟ ପ୍ରତିଭାର ଛାତ୍ର ଥିଲେ । ସେ ଉଭୟ କଲମ୍ବିଆ ୟୁନିଭରସିଟି ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକୋନୋମିକ୍ସରୁ ଅର୍ଥନୀତିରେ ଡକ୍ଟରେଟ୍ ଗ୍ରହଣ କରିଥିଲେ ଏବଂ ଆଇନ, ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନରେ ଅନୁସନ୍ଧାନ କରିଥିଲେ। ବୃତ୍ତିଗତ ଜୀବନର ପ୍ରାରମ୍ଭରେ ସେ ଅର୍ଥନୀତିର ପ୍ରଫେସର ଥିଲେ ଏବଂ ଆଇନ ଅଭ୍ୟାସ ମଧ୍ୟ କରିଥିଲେ। ତାଙ୍କର ପ୍ରାରମ୍ଭିକ ଏବଂ ପରବର୍ତ୍ତୀ ଜୀବନ ରାଜନୈତିକ କାର୍ଯ୍ୟକଳାପରେ ଅଧିକ ବିତିଥିଲା । ଏହା ପରେ ଆମ୍ବେଦକର ଭାରତର ସ୍ୱାଧୀନତା ପାଇଁ ପ୍ରଚାର ଏବଂ ଆଲୋଚନାରେ ଜଡିତ ହୋଇଥିଲେ। ଏବଂ ପତ୍ରିକା ପ୍ରକାଶନ, ଦଳିତଙ୍କ ପାଇଁ ରାଜନୈତିକ ଅଧିକାର ତଥା ସାମାଜିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ସେ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

୧୯୫୬ ମସିହାରେ, ହିନ୍ଦୁ ଧର୍ମରେ ପ୍ରଚଳିତ ଛୁଆଁ-ଛୁତ ଏବଂ ଅସ୍ପୃଶ୍ୟତା ଅଭ୍ୟାସରେ କ୍ଲାନ୍ତ ହୋଇ ସେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ୧୯୯୦ ରେ, ତାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପ୍ରଦାନ କରାଯାଇଥିଲା। ୧୪ ଏପ୍ରିଲରେ ତାଙ୍କର ଜନ୍ମଦିନ ଭାରତ ସମେତ ସାରା ବିଶ୍ୱରେ ଆମ୍ବେଦକର ଜୟନ୍ତୀ ଭାବରେ ପାଳନ କରାଯାଏ । ସାଧାରଣତଃ ଭାରତରେ ସମସ୍ତ ରାଜନୈତିକ ଦଳ ଆମ୍ବେଦକର ଙ୍କ ଜନ୍ମଦିନକୁ ସମ୍ବିଧାନ ବଞ୍ଚାଅ ଦିବସ ରୂପେ ପାଳନ କରିଥାନ୍ତି । କିନ୍ତୁ ଗଭୀର ଭାବେ ଅଧ୍ୟୟନ କଲେ ଜଣାପଡେ ସେ ଯେଉଁ ସାମାଜିକ ଆନ୍ଦୋଳନର ନେତୃତ୍ୱ ଦେଇଥିଲେ ତାହା ହେଉଛି ଜାତିବାଦ ଏବଂ ଅସ୍ପୃଶ୍ୟତା । ପିଲା ଦିନରୁ ଏହି ଦୁଇଟି ବିଷୟ ବିରୋଧରେ ତାଙ୍କୁ ସଂଗ୍ରାମ କରିବାକୁ ପଡିଥିଲା। ଜୀବନର ଶେଷ ପର୍ଯ୍ୟନ୍ତ ଏହି ସଂଗ୍ରାମକୁ ଛାଡ଼ିନଥିଲେ । ତାଙ୍କୁ ଜଣାଥିଲା ଜାତିବାଦ ଭାରତ ସନ୍ଦର୍ଭରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଭାରତର ବିକାଶରେ ଜାତିପ୍ରଥା ଏକ ପ୍ରତିବନ୍ଧକ । ଯଦିଓ ଏହି ପ୍ରଶ୍ନଟି ସମାଜ ବ୍ୟବସ୍ଥା ସହିତ ଓତପ୍ରୋତ ଭାବେ ଜଡିତ । ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ଜାତିପ୍ରଥାକୁ ପାଳି - ପୋଷି ରଖାଯାଏ, ଫଳରେ ଭୋଟ ରାଜନୀତି ଠିକ୍ ଭାବେ କରାଯାଇପାରେ। ଏହି ଦୁଇଟି ବିଷୟ ବାସ୍ତବରେ ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆମ ସମାଜରେ ଅତ୍ୟନ୍ତ ଗଭୀର ଭାବେ ବିଦ୍ୟମାନ ଏବଂ ସମସ୍ତ ରାଜନୈତିକ ଦଳମାନେ ଏହାର ଉପଯୋଗ କରୁଛନ୍ତି । ଜାତି କ'ଣ ଏବଂ ଏହାକୁ କିପରି ନଷ୍ଟ କରି ଏକ ଉନ୍ନତ ସମାଜ ଗଠନ ଏକ ବଡ଼ ପ୍ରଶ୍ନ ହୋଇଛି। ବାବା ସାହେବ ଆମ୍ବେଦକର ତାଙ୍କର ଏକ ଲିଖିତ ଭାଷଣରେ ଏହାର ସମ୍ପୂର୍ଣ୍ଣ ଉତ୍ତର ଦେଇଛନ୍ତି। ଦୁର୍ଭାଗ୍ୟବଶତଃ, ତାଙ୍କୁ ଏହି ଭାଷଣ ଦେବାକୁ ମଧ୍ୟ ଅନୁମତି ଦିଆଯାଇନଥିଲା । ଏହା ତାଙ୍କ ଜୀବନର ଶେଷ କାର୍ଯ୍ୟ ଥିଲା ।

'ଜାତିର ବିନାଶ' ହେଉଛି ଡକ୍ଟର ଆମ୍ବେଦକରଙ୍କ ସବୁଠାରୁ ପ୍ରସିଦ୍ଧ ଐତିହାସିକ ବକ୍ତବ୍ୟ, ଯାହା ତାଙ୍କୁ ଲାହୋରର ଜାତପାତ ତୋଡକ ମଣ୍ଡଳର ୧୯୩୬ ରେ ଅଧିବେଶନ ପାଇଁ



ଆଧକ୍ଷୀୟ ଭାଷଣ ଭାବରେ ଲେଖାଯାଇଥିଲା । କିନ୍ତୁ ମତ ସହ ମତଭେଦ ହେତୁ ଅଧିବେଶନ ନିଜେ ବାତିଲ ହୋଇଯାଇଥିଲା। ଏହି ବକ୍ତୃତା ଆଜି ମଧ୍ୟ ପ୍ରାସଙ୍ଗିକ, କାରଣ ଜାତିର ପ୍ରଶ୍ନ ହିନ୍ଦୁ ସମାଜର ସବୁଠାରୁ ଜ୍ୱଳନ୍ତ ପ୍ରଶ୍ନ ଯାହା ବିରୁଦ୍ଧରେ ଆମ୍ବେଦକର ଆଜୀବନ ସଂଘର୍ଷ କରିଥିଲେ । ଡକ୍ଟର ଆମ୍ବେଦକର ହେଉଛନ୍ତି ପ୍ରଥମ ଭାରତୀୟ ସମାଜବିଜ୍ଞାନୀ ଯିଏ ହିନ୍ଦୁ ସମାଜରେ ଜାତିର ଉତ୍ପତ୍ତି ଏବଂ ବିକାଶ ବିଷୟରେ ବୈଜ୍ଞାନିକ ଅଧ୍ୟୟନ କରିଥିଲେ। ସେ ୧୯୧୬ ମସିହାରେ ଏହି ବିଷୟ ଉପରେ ପ୍ରଥମ ଅନୁସନ୍ଧାନ କାର୍ଯ୍ୟ କରିଥିଲେ, ଯାହା 'କାଷ୍ଟ ଇନ୍ ଇଣ୍ଡିଆ' ଭାବରେ ଜଣାଶୁଣା । ସେ ଏକ ଅବିସ୍ମରଣୀୟ ପ୍ରମାଣ ସହିତ ପ୍ରମାଣ କରିଛନ୍ତି ଯେ ଝିଅ -ବିବାହ, ଆଜୀବନ ବିଧବା ଏବଂ ବିଧବାଙ୍କୁ ଜୀବନ୍ତ ଜାଳି ଦେବା ପ୍ରଣାଳୀ ଏକ ସ୍ୱତନ୍ତ୍ର ଶ୍ରେଣୀକୁ ବନ୍ଦ ଶ୍ରେଣୀରେ ପରିଣତ କରିବାର ପ୍ରଣାଳୀ ଥିଲା। ଏହି ପ୍ରଣାଳୀ ଜାତି ପ୍ରଣାଳୀକୁ ବିକଶିତ କଲା । ସେ 'ଜାତିର ବିନାଶ'ରେ ବର୍ଣ୍ଣ ପ୍ରଣାଳୀକୁ କଡ଼ା ସମାଲୋଚନା କରି ଏହାକୁ ଦୁନିଆର ସବୁଠାରୁ ଅବୈଧ ପ୍ରଣାଳୀ ବୋଲି କହିଥିଲେ। ତାଙ୍କ କହିବାନୁସାରେ, ଭାରତକୁ ଏକ ରାଷ୍ଟ୍ରରେ ପରିଣତ କରିବାରେ ଜାତି ହେଉଛି ସବୁଠାରୁ ବଡ ପ୍ରତିବନ୍ଧକ।

ସେଥିପାଇଁ ସେ କୁହନ୍ତି, ଯଦି ଭାରତ ଏକ ରାଷ୍ଟ୍ର ହେବାକୁ ଯାଉଛି, ତେବେ ଜାତିକୁ ସମାପ୍ତ କରିବାକୁ ପଡ଼ିବ, ଏବଂ ଏଥିପାଇଁ ଧର୍ମ ଶିକ୍ଷା କରୁଥିବା ଧର୍ମଶାସ୍ତ୍ରୀମାନଙ୍କୁ ଡାଇନାମାଇଟ୍ ସହିତ ଉଡ଼ାଇବାକୁ ପଡ଼ିବ । ଜାତିଭେଦ ଭାରତୀୟ ରାଜନୀତି ପାଇଁ ଏକ ବଡ଼ ବିପଦ। ସ୍ୱାଧୀନତା ହାସଲ ପରେ ସମସ୍ତ ରାଜନୈତିକ ଦଳ ଜାତିକୁ ନେଇ ରାଜନୈତକ ଲାଭ ନେବାରେ ଲିପ୍ତ ଅଛନ୍ତି। ଆମ୍ବେଦକରଙ୍କ ନାମରେ ଅନେକ ସଂଗଠନ ଗଠନ କରାଯାଇଛି, ଏପରିକି ଶ୍ରମିକ ସଂଗଠନ, ଯାହାଦ୍ୱାରା ଲୋକମାନେ ଜାଣିପାରିବେ ଯେ ଏହି ସଂଗଠନ କେବଳ ଦଳିତ ଏବଂ ପଛୁଆ ଜାତିଙ୍କର ଅଟେ। ଆଶ୍ଚର୍ଯ୍ୟର କଥା ଆମ ଦେଶରେ ଜାତିକୁ ନେଇ ଶିକ୍ଷଣ ସଂସ୍ଥାନରେ ପୃଥକ୍ ହଷ୍ଟେଲ ମଧ୍ୟ ରହିଛି । ତାହେଲେ ଦେଖନ୍ତୁ ଜାତିପ୍ରଥାର ପ୍ରଶ୍ନ ଭାରତବର୍ଷରେ କେତେ ଗଭୀର । ଆମ୍ବେଦକର ଏହି ପ୍ରଶ୍ନକୁ ନେଇ ଆଜୀବନ ଲଢେଇ କରିଛନ୍ତି । ୧୯୫୩ ମସିହାରେ ରାଜ୍ୟସଭାରେ ଏକ ବିତର୍କ ସମୟରେ, ଆମ୍ବେଦକର ସେହି ସମୟରେ ଗୃହମନ୍ତ୍ରୀ କୈଳାସ ନାଥ କାଟଜୁଙ୍କ ସହ ଜାତିବାଦ ବିଷୟରେ ବିତର୍କ କରୁଥିଲେ। ଏହି ଯୁକ୍ତି ସମୟରେ ଆମ୍ବେଦକର ଏହିପରି କିଛି କହିଥିଲେ - କାଟଜୁ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ , ଶ୍ରୀ ଆମ୍ବେଦକର, ତୁମେ କ'ଣ କହୁଛ! ଆପଣ ଜାଣନ୍ତି କି, ଆପଣ ଯାହା କହୁଛନ୍ତି ତାହା ଆପଣଙ୍କ ଦ୍ୱାରା ତିଆରି କରାଯାଇଥିବା ସମ୍ବିଧାନ ବିରୋଧରେ ଯାଉଛି । ଆପଣ ନିଜେ ଲେଖିଛନ୍ତି, କିନ୍ତୁ ବର୍ତ୍ତମାନ ଆପଣ ଏହା ବିରୋଧରେ କହୁଛନ୍ତି । ଏହାର ଉତ୍ତରରେ ଆମ୍ବେଦକର ଉତ୍ତର ଦେଇଥିଲେ - ଏହା ମୋ ଜୀବନର ସବୁଠାରୁ ବଡ ଦୁଃଖଦ ଘଟଣା । ଏହି କଥା ରାଜ୍ୟସଭାର ପ୍ରୋସିଡିଙ୍ଗରେ ଲିପିବଦ୍ଧ ଅଛି । ଏହା କୌଣସି ମନଗଢା କଥା ନୁହେଁ ୧୯୫୩ରେ ପାର୍ଲିଆମେଣ୍ଟରେ ପ୍ରୋସିଡିଙ୍ଗରେ ରାଜ୍ୟସଭାରେ ଏହି ତଥ୍ୟ ରହିଛି । ଜାତିବାଦକୁ ନେଇ ସମ୍ବିଧାନରେ ଯାହା କିଛି ଲେଖାଯାଇଛି ସେଗୁଡିକୁ ଆମ୍ବେଦକରଙ୍କ ଉପରେ ଅନେକ ଚାପ ସୃଷ୍ଟି ଲେଖାଯାଇଥିଲା । ସେଗୁଡିକୁ ସେ ଲେଖିବା ପାଇଁ ବାଧ୍ୟ ହୋଇଥିଲେ । ତାଙ୍କ ଅନୁସାରେ ଏହି କାର୍ଯ୍ୟ ପାଇଁ ମୋତେ ହାଇଜାକ କରାଯାଇଥିଲା । ଅର୍ଥାତ୍ ସେ ଯାହା ଲେଖିବାକୁ ଚାହିଁ ନଥିଲେ ସେଗୁଡିକୁ ଚାପ ପକାଇ ଲେଖିବାକୁ ବାଧ୍ୟ କରାଯାଇଥିଲା । ଅନ୍ତିମ ସମୟରେ ସେ ଏହି ମର୍ମ ବସ୍ତୁକୁ ବିଭିନ୍ନ ଉପାୟରେ କହିବାକୁ ଚେଷ୍ଟା କରିଛନ୍ତି ଯେ, ଯାହା କିଛି ଜାତିକୁ ନେଇ ସମ୍ବିଧାନରେ ଲେଖାଯାଇଛି ତାହା ଅସମ୍ପୂର୍ଣ୍ଣ । ଏହା ଥିଲା ବାସ୍ତବରେ ଆମ୍ବେଦକରଙ୍କ ଉକ୍ତି ।

ଡକ୍ଟର ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ମୂଲ୍ୟାଙ୍କନ ଏପର୍ଯ୍ୟନ୍ତ ହୋଇନାହିଁ । ଆଜି ବି ତାଙ୍କୁ ଅନୁସୂଚିତ ଜାତିର ନେତା ଭାବରେ ପଦୋନ୍ନତି ଦିଆଯାଉଛି। ବାସ୍ତବରେ, ଏହା ତାଙ୍କ କାର୍ଯ୍ୟ ଏବଂ ବ୍ୟକ୍ତିତ୍ୱ ପ୍ରତି ଚରମ ଅନ୍ୟାୟ । ବାସ୍ତବରେ ଐତିହାସିକ ତଥ୍ୟ ଆଧାରରେ ଯଦି ଆମ୍ବେଦକରଙ୍କ ଜାତିକୁ ନେଇ ଯେଉଁ ଚିନ୍ତା ଏବଂ ସେଥିପାଇଁ ଯେଉଁ ସଂଘର୍ଷ କରିଥିଲେ - ସେ ବିଷୟରେ ମୂଲ୍ୟାଙ୍କନ କରାଯାଏ ତେବେ ଦେଖାଯିବ ଯେ ସମ୍ପୂର୍ଣ୍ଣ ରୂପେ ଜାତି ବର୍ଣ୍ଣର ବିରୋଧୀ ଥିଲେ । ସେଥିପାଇଁ ନିରଳସ ସଂଗ୍ରାମ କରିଥିଲେ । ବାସ୍ତବରେ ଯଦି ଏହି ତଥ୍ୟ ଗୁଡିକୁ ବାହାର କରାଯାଏ ତାହେଲେ ଯେଉଁମାନେ ଆମ୍ବେଦକରଙ୍କୁ ନେଇ ରାଜନୀତି କରୁଛନ୍ତି ସେମାନଙ୍କ ମୁଖା ପଦାକୁ ଆସିଯିବ ।ବାସ୍ତବରେ ରାଜନୈତିକ ଦଳମାନେ ଆମ୍ବେଦକରଙ୍କ ମୁଖ୍ୟ ବିଷୟଟିକୁ ଲୁଚାଇ ରଖିବାକୁ ଚାହୁଁଛନ୍ତି । କେବଳ ସେ ସମ୍ବିଧାନ ପ୍ରଣେତା ଏବଂ ଦଳିତ ନେତା ବୋଲି ପ୍ରଚାର କରାଯାଉଛି । ବର୍ତ୍ତମାନ ସମୟ ଆସିଛି ତାଙ୍କର ଠିକ-ଠିକ ମୂଲ୍ୟାଙ୍କନ କରିବା ।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# କୁକୁର କାମୁଡା ଇଞ୍ଜେକ୍ସନ ନେବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭିଡ଼

ଡାବୁଗାଁ,(ନିପ୍ର): ଉମରକୋଟ ଉପ ଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । କୁକୁର କାମୁଡା ଇଞ୍ଜେକ୍ସନ ନେବା ପାଇଁ ଲମ୍ବା ଲାଇନ ଲଗାଇ ଠିଆ ହୋଇଛନ୍ତି ପ୍ରାୟ ଚାଳିଶି ଜଣ ମହିଳା, ପୁରୁଷ ଓ ଶିଶୁ । ନବରଙ୍ଗପୁର ଜିଲ୍ଲା ଉମରକୋଟ ମ୍ୟୁନିସିପାଲିଟି ଅନ୍ତର୍ଗତ ବାର ନମ୍ବର ୱାର୍ଡର ଗୋପାଳକ ଅସରୁ ରାୟଙ୍କ ଗାଈକୁ



କିଛିଦିନ ତଳେ କୁକୁର କାମୁଡି ଥିଲା, ଅସରୁ କିନ୍ତୁ ଏହି କଥା ଜାଣି ନ ଥିଲେ ସେହି ଗାଈ ଅସ୍ୱାଭାବିକ ଆଚରଣ ଦେଖି ସ୍ଥାନୀୟ ପଶୁ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଚିକିତ୍ସକ ଗାଈ ପାଗଳ ହେଇଥିବା ଡାକ୍ତର କହିଥିଲେ । ତେବେ ଗାଈ ମରିଯାଇଥିଲା । ଏହି ଖବର ପ୍ରଚାର ହେବା ପରେ ସେହି ଗାଈର କ୍ଷୀର ଖାଇଥିବା ପରିବାର ମଧ୍ୟରେ ଆତଙ୍କ ଖେଳିଯାଇଛି । ସମସ୍ତେ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଇଞ୍ଜେକ୍ସନ ନେବା ପାଇଁ ଲମ୍ବା ଲାଇନ ଲଗେଇଛନ୍ତି । ଗାଈ ମାଲିକ କୁକୁର କାମୁଡା ସମ୍ପର୍କରେ ଜାଣି ନ ଥିଲେ ଏଣୁ ସେ ନିୟମିତ ଯାହା ଯାହା ପରିବାରକୁ କ୍ଷୀର ଯୋଗାଉଥିଲେ ସେହି ଘରମାନଙ୍କରେ କ୍ଷୀର ଦେଇଥିଲେ କିଛି ପରିବାର ଖାଇଥିଲେ ।ସୌଭାଗ୍ୟ ବଶତଃ ବର୍ତ୍ତମାନ ପର୍ଯ୍ୟନ୍ତ କାହାରିକୁ କିଛି ଅସୁସ୍ଥତାର ଲକ୍ଷଣ ଦେଖାଯାଇନାହିଁ ବୋଲି ଡାକ୍ତର ସୂଚନା ଦେବା ସହ ସମସ୍ତଙ୍କୁ ଇଞ୍ଜେକ୍ସନ ଦିଆଯାଇଥିବା ସୂଚନା ଦେଇଛନ୍ତି ।

# ଅଗ୍ନିକାଣ୍ଡ ଘଟି ତିନି ବଖରା ପୋଡିପାଉଁଶ

ବେଲଗୁଣ୍ଠା,(ନିପ୍ର): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଟିକରପଡା ମିଲ ସାହିରେ ଅଗ୍ନିକାଣ୍ଡ ଘଟି ତିନିଭାଇଙ୍କ ତିନି ବଖରା ଘର ପୋଡିପାଉଁଶ ହୋଇଯାଇଥିବା ଜଣାପଡିଛି । ସେମାନେ ହେଲେ ଟିକରପଡା ଗ୍ରାମର ମିଛା ନାୟକ,



ଅନନ୍ତ ନାୟକ ଓ ଅଚୁତ ନାୟକ, ଅଗ୍ନିକାଣ୍ଡର ସଠିକ କାରଣ ଜଣାପଡିନଥିବା ବେଳେ ଏହା ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ସମସ୍ତେ ଚାଷୀ ପରିବାର ହୋଇଥିବାରୁ ସମସ୍ତଙ୍କ ଧାନ, ଚାଉଳ, ମୁଗ, ଲୁଗାପଟା ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି । କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ଅଚ୍ୟୁତ ନାୟକ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଖବର ପାଇ ତନାରଡାରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ । ସମସ୍ତେ ଗରିବ ଚାଷୀ ପରିବାରର ହୋଇଥିବାରୁ ଏମାନଙ୍କୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଯୁବ ସେଚ୍ଛାସେବୀ କୃଷ୍ଣ ସାହୁ ଦାବି କରିଛନ୍ତି ।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ନିମାପଡ଼ା,(ନି.ପ୍ର.): ତେରୁଣ୍ଡିଆ ଗ୍ରାମର ଜନୈକ ଯୁବକ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ଥାନା ସୂତ୍ରରୁ ପ୍ରକାଶ । ଯୁବକ ସୁବାଷ କୁମାର ଭୋଇ (୩୪) ପଡ଼ୋଶୀ ଘରେ ବିଦ୍ୟୁତ୍ ତାର ଓହଳି ଥିବା ଦେଖି ସଜାଡୁ ଥିବାବେଳେ ହଠାତ୍ ବିଦ୍ୟୁତ୍ ସଂଯୋଗ ହୋଇଯିବାରୁ ତଳେ ପଡ଼ି ଯାଇଥିଲେ । ତତ୍‌କ୍ଷଣାତ୍ ତାଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସାଙ୍ଗକୁ ଏକ ଅପମୃତ୍ୟୁ ମୋକଦ୍ଦମା (୫/୨୬) ରୁଜୁ କରି ପୋଷ୍ଟ ମର୍ଟମ୍ ନିମନ୍ତେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିବା ଥାନାର ତଦନ୍ତକାରୀ ଅଧିକାରୀ ଚିନ୍ମୟ କୁମାର ବେହେରା ସୂଚନା ଦେଇଥିଲେ । ତାଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

# ତୋଡଙ୍ଗା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ତୋଡଗାଂ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୮୫ଟି ଅଭିଯୋଗ



ଗ୍ରହଣ କରାଯାଇଥିଲା । ଏଥିରୁ ୫୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡକ୍ରଶ ଅଧୀନସ୍ଥ ୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୨୩ଟି ଅଭିଯୋଗର ସ୍ଥାନୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ୍ ନିଧିମାଧ୍ୟମରେ ୫ ଜଣ ମୋଟ ୧୫,୦୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଉପସ୍ଥିତ ଥିବାବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ମୁଖ ଉନ୍ନୟନ ଅଧିକାରୀ, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଉପ ଜିଲ୍ଲାପାଳ ଉପସ୍ଥିତ ଥିଲେ ।

# ଦୁର୍ଦ୍ଦିନରେ ପତ୍ରଖଲି କାରିଗର, ମିଳୁନି ସରକାରୀ ପ୍ରୋତ୍ସାହନ

ଭାପୁର,(ନିପ୍ର): ସମୟ ଥିଲା ଅତୀତରେ ବାହାଘର,ପୁଆଣୀଘର ହେଲେ ଭୋଜିଭାତରେ ପତ୍ରଖଲି ବ୍ୟବହାର ହେଉଥିଲା ଏପରିକି ଜଳଖିଆ ଦୋକାନ ଠାରୁ ଆରମ୍ଭ କରି ହୋଟେଲ ପର୍ଯ୍ୟନ୍ତ ଏହି ପତ୍ରଖଲି ବହୁଳ ବ୍ୟବହାର ହେଉଥିଲା । କିନ୍ତୁ, ବର୍ତ୍ତମାନ ସୋଲର ଖଲି ଓ ଠୁଙ୍ଗା ବାହାରିଲା ପରେ ଏହାର ବହୁଳ ବ୍ୟବହାର ହେଉଛି । ଏହି ସୋଲ ଖଲି ଓ ଠୁଙ୍ଗାର ବ୍ୟବହାର ଦ୍ୱାରା ମନୁଷ୍ୟ ଶରୀରରେ ବୈଜ୍ଞାନିକ ଭିତ୍ତିରେ କୁପରିଣାମ ପଡୁଥିବାବେଳେ ବିଭିନ୍ନ ରୋଗବ୍ୟାଧିରେ ଆକ୍ରାନ୍ତ ହେଉଛି । ବର୍ତ୍ତମାନ ପତ୍ରଖଲି ଓ ଠୁଙ୍ଗା ତିଆରି କରୁଥିବା ଭାପୁର ବ୍ଲକ ବଡସହରା ପଞ୍ଚାୟତ ଗୋପାଳପ୍ରସାଦ ଗ୍ରାମର କାରିଗର ମାନେ ନିଜର ଜୀବିକା ହରେଇ ଦୁର୍ଦ୍ଦିନରେ ଚଳୁଛନ୍ତି । ସୋଲ ଓ କାଗଜର ଖଲି ଠୁଙ୍ଗା ବାହାରିଲା ପରେ ପତ୍ର ଉପରେ ନିର୍ଭର କରି ଗୁଜୁରାଣ ମେଣ୍ଟାଉଥିବା ପରିବାର ଉପରେ ଏହାର ସିଧାସଳଖ ପ୍ରଭାବ ପଡିଛି । ପତ୍ର କାରିଗରମାନେ ବ୍ୟବସାୟକୁ ବୃଦ୍ଧି କରିବାପାଇଁ ଆଗ୍ରହ ପ୍ରକାଶ କରୁଥିବାବେଳେ ସରକାରୀ ପ୍ରୋତ୍ସାହନ ବାଧକ ସାଜିବା ଓ ନିକଟ ଜଙ୍ଗଲରୁ ଶାଳୁଆ ପତ୍ର ନ ମିଳିବାରୁ ଏହି କୂଳ ବେଉସା ଗୋପାଳପ୍ରସାଦ ଗ୍ରାମର କେତେକ ତଅଁଳା ପରିବାର ମଧ୍ୟରେ ବୁଡିବାକୁ ବସିଲାଣି ଫଳରେ, ସେମାନେ ଏବେ ଦୁଃଖରେ କାଳତିପାତ କରୁଛନ୍ତି । ଗ୍ରାମର ପୂର୍ଣ୍ଣ ନାୟକ, ଦେବ ନାୟକ, ଦଳିୟ ନାୟକ, ଗାଣ୍ଡୁ ନାୟକ, ରମା ନାୟକ, ଶୋଭା ନାୟକଙ୍କ



ପରିବାର ୨/୩ ପୁରୁଷ ଧରି ଏହି କାର୍ଯ୍ୟକୁ ଆପଣେଇଥିଲେ ମଧ୍ୟ ନିଜ ଗାଁର ଜଙ୍ଗଲ ମଧ୍ୟରେ ଶାଳୁଆ ପତ୍ର ଅଭାବରୁ ସେମାନେ ଖଣ୍ଡପଡା ବ୍ଲକର ଜଙ୍ଗଲ ମଧ୍ୟରୁ ପତ୍ର ଆଣି ନିଜ ବେଉସାକୁ ଚାଲୁ ରଖିଛନ୍ତି । ସେହି ପରିବାରର ମହିଳାମାନେ ରାତି ପାହିଲେ ଜଙ୍ଗଲକୁ ଯାଇ ଶାଳପତ୍ର ସଂଗ୍ରହ କରିଥାନ୍ତି । ପତ୍ରକୁ ଘରକୁ ଆଣିବା ପରେ ପୁରା ପରିବାର ଦିନ ତମାମ ଠୁଙ୍ଗା ଓ ଖଲି ପ୍ରସ୍ତୁତ କରିଥାନ୍ତି । ଖଲି ଅପେକ୍ଷା ବିଭିନ୍ନ ଜଳଖିଆ ଦୋକାନରେ ଠୁଙ୍ଗାର ଅଧିକ ଚାହିଦା ରହିଥାଏ ।

ଗୋଟିଏ ମାଳ ଠୁଙ୍ଗା ତିଆରି ପାଇଁ (୫୦)ଗୋଟିଏ ପରିବାରର ସଦସ୍ୟ ଦୈନିକ ୧୫ ରୁ ୨୦ ମାଳ ଠୁଙ୍ଗା ତିଆରି କରିଥାନ୍ତି । ଗୋଟିଏ ମାଳକୁ ୨୦ ଟଙ୍କା ହିସାବରେ ବିକ୍ରି କରିଥାନ୍ତି । ଫଳରେ, ଗୋଟିଏ ପରିବାର ୩୦୦ ରୁ ୪୦୦ ଟଙ୍କା ଦୈନିକ ରୋଜଗାର ହୋଇଥାଏ । ଏହି ସ୍ୱଳ୍ପ ରୋଜଗାରରେ ପରିବାର ଚଳେଇବ କଷ୍ଟ ଦାୟକ ହୋଇଥିବାରୁ ଏହି କାରିଗରଙ୍କୁ ସରକାରୀ ସହାୟତା ଯୋଗେଇ ଦିଆଗଲେ ଏହି ପୁରୁଣା ପରମ୍ପରା ବଞ୍ଚିରହିବ ବୋଲି କାରିଗରମାନେ ପ୍ରକାଶ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଏହି ପରିବାରମାନେ ଭୂମିହୀନ, ସେମାନେ ସରକାରୀ ଜାଗାରେ କୁଡ଼ିଆ ଖଣ୍ଡେ ଖଣ୍ଡେ କରି ରହି ଆସୁଛନ୍ତି । ଫଳରେ, ନିଜସ୍ୱ ପଟ୍ଟା ନ ଥିବାରୁ ପକ୍କାଘର କି ରଣର ବ୍ୟବସ୍ଥା ହୋଇ ପାରୁନାହିଁ କି ସେମାନଙ୍କର ପୁଅଝିଅଙ୍କ ପାଠପଢା ପାଇଁ ବିଭିନ୍ନ ପ୍ରମାଣପତ୍ର ମିଳିପାରୁନାହିଁ । ଫଳରେ, ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ତେଣୁ, ଏହି ପରିବାରଙ୍କୁ ଜାଗା ଓ ପକ୍କାଘର ଯୋଗେଇ ଦେବାସହ ଖଲି ଓ ଠୁଙ୍ଗା ବ୍ୟବସାୟକୁ ଅଧିକ କ୍ରିୟାଶଳ କରିବା ପାଇଁ ସରକାରୀ ପ୍ରୋତ୍ସାହନ ଯୋଗେଇ ଦେବାକୁ କାରିଗର ମାନେ ଦାବି କରିଛନ୍ତି ।

# ସିସିଆଇଡି ପକ୍ଷରୁ ବିଶ୍ୱକର୍ମା ପୁରସ୍କାର : ବଲାଙ୍ଗିରକୁ ମିଳିଲା ଦୁଇଟି ଜାତୀୟ ସମ୍ମାନ

ବଲାଙ୍ଗିର,(ନିପ୍ର): ବଲାଙ୍ଗିର ଜିଲ୍ଲାକୁ ୨ଟି ପ୍ରକଳ୍ପରେ ସ୍ଥାପତ୍ୟ ଓ ଶ୍ରେଷ୍ଠ ନିର୍ମାଣ ଶୈଳି ପାଇଁ ବିଶ୍ୱକର୍ମା ପୁରସ୍କାର ମିଳିଛି । ବଲାଙ୍ଗିର ଜିଲ୍ଲାର ଭୀମ ଭୋଇ ମେଡିକାଲ କଲେଜରେ ପୂର୍ତ୍ତବିଭାଗ ପକ୍ଷରୁ ନବନିର୍ମିତ କ୍ୟାନସର ହସପିଟାଲ ବିଲ୍ଡିଂ ଓ ଜଳସେଚନ ବିଭାଗର ଲୋୟର ସୁକତେଲ ଜଳସେଚନ ପୁରସ୍କୃତ ହୋଇଛି । ଯାହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସିଆଇଡିସି (କନଷ୍ଟ୍ରକସନ ଇଣ୍ଡଷ୍ଟ୍ରି ଡେଭଲପମେଂଟ କାଉନସିଲ) ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ବିଆର ଆମ୍ବେଦକର ଅନ୍ତର୍ଜାତିୟ କେନ୍ଦ୍ରର ୧୭ତମ ବିଶ୍ୱକର୍ମା ପୁରସ୍କାର ଉତ୍ସବ କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ, ପରିବହନ ଓ ଜାତୀୟ ରାଜପଥ ବିଭାଗର ମନ୍ତ୍ରୀ ନିତିନ ଗଡକରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହି ପୁରସ୍କାର ବିତରଣ କରିଥିଲେ । ସିସିଇ ଭୁବନେଶ୍ୱର ଶ୍ରୀ ମହେନ୍ଦ୍ର ଏବଂ ବଲାଙ୍ଗିର ପୂର୍ତ୍ତବିଭାଗର ଏସଇ ଇ.ଆଶୁତୋଷ ଜେନା ଏହି ପୁରସ୍କାର ମୂଖ୍ୟଅତିଥିଙ୍କ ଠାରୁ ଗ୍ରହଣ କରିଥିଲେ ।

ପ୍ରକାଶ ଯେ, ନୂତନ ଜ୍ଞାନକୌଶଳ ପ୍ରୟୋଗ କରି ସଠିକ ସମୟରେ ଏବଂ ସଠିକ ଢଙ୍ଗରେ ନିର୍ମିତ ଦେଶର ୧୫ଶହଟି ପ୍ରକଳ୍ପକୁ ଚୟନ କରି ପୁରସ୍କୃତ କରାଯାଇଛି । ଯେଉଁଥିରେ ଓଡିଶାର ୧୭ଟି ପ୍ରକଳ୍ପ ସ୍ଥାନ ପାଇଛି ଏବଂ ସେଠାରେ ଥିବା ଉତ୍କଳ ମଣ୍ଡପ ଗ୍ୟାଲେରିରେ ଏହି ୧୭ଟି ପ୍ରକଳ୍ପକୁ ପ୍ରଦର୍ଶିତ କରାଯାଇଥିଲା । ଏନେଇ ବଲାଙ୍ଗିର ପୂର୍ତ୍ତବିଭାଗ ଏସଇ ଇଂ.ଆଶୁତୋଷ ଜେନା ସୂଚନା ଦେଇଛନ୍ତି ଯେ, ବଲାଙ୍ଗିରରେ ତିଆରି ହୋଇଥିବ ଏହି କ୍ୟାନସର ହସପିଟାଲ ୨୫୫୫୫ ସ୍କୁଏର ତଳ ମହଲା ରେ ଓପିଡି,ଷ୍ଟୋର, ଆରଏସଓ ସମେତ ଆଉ ଅନ୍ୟାନ ବିଭାଗ ତିଆରି ହୋଇଛି । ସେହିପରି ପ୍ରଥମ ୧୯୧୨୨.୬୭ ସ୍କୁଏର ଫୁଟରେ ତିଆରି ହୋଇଥିବା ବେଳେ ଏଠାରେ ୨୦ ବେଡ ବିଶିଷ୍ଟ ଡେ କେଆର ବିଭାଗ, ଦୁଇ ନମ୍ବର ଓପିଡି, ଡିୟୁଟି ରୁମ୍ ସହିତ ଆଉ ଅନେକ ବିଭାଗ ଅଛି । ତୃତୀୟ ମହଲା ୨୧୩୯୦.୮୮ ସ୍କୁଏର ଫୁଟରେ ତିଆରି ହୋଇଥିବା ବେଳେ ଏଠାରେ ପୁରୁଷ ଏବଂ ମହିଳାଙ୍କ ପାଇଁ ପୃଥକ ପୃଥକ ୧୨ଟି ବେଡ ବିଶିଷ୍ଟ ୱାର୍ଡ, ଡିଉଟି ରୁମ୍, ୯ ବେଡ ବିଶିଷ୍ଟ ଆଇସିୟୁ ରୁମ ସମେତ ଆଉ ଅନେକ କିଛି ତିଆରି କରାଯାଇଛି ଏବଂ ଏହି ହସପିଟାଲ କ୍ୟାନସର ରୋଗୀଙ୍କ ପାଇଁ ଏକ ନୂତନ ଆଶାର ସଂଚାର କରିବ ବୋଲି ଏସଇ ଇଂ. ଶ୍ରୀ ଜେନା ସୂଚନା ଦେଇଛନ୍ତି ।

# ଜନ ଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୪୫୦ ପ୍ରଶିକ୍ଷାର୍ଥୀ

ନିମାପଡ଼ା, (ନି.ପ୍ର.): ଦେଶର ଜନତାଙ୍କ ନିମନ୍ତେ ଜନ ଗଣନା-୨୦୨୭ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ସହ ଗୃହକୁ ବୁଲି ସର୍ଭେ କାର୍ଯ୍ୟର ପ୍ରଦର୍ଶନ ହୋଇଥିବା ସୂଚନା ମିଳିଛି ।

ପ୍ରତ୍ୟେକ ଜନ ଗଣନାକାରୀ ଘରକୁ ଘର ବୁଲି ଗୃହ ତାଲିକା ଏବଂ ଗୃହ ଗଣନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ତହସିଲଦାର ମନୋଜ ପ୍ରଧାନ ସୂଚନା ଦେଇ ୩୩ ଟି ପ୍ରଶ୍ନ ପଚାରି ଆବଶ୍ୟକ ଫର୍ମ ପୂରଣ ସହ ଜିଲ୍ଲା କାର୍ଯ୍ୟାଳୟରେ ପ୍ରଦାନ କରିବେ । ଘର ମାଲିକ ନିଜେ ଫର୍ମ ପୂରଣ କରି ଅନ୍‌ଲାଇନ୍‌ରେ ଦାଖଲ କରିପାରିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରଶିକ୍ଷଣ ଶିବିରରେ ସୂଚନା ଦିଆଯାଇଥିଲା । ତ୍ରିଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟ ଶେଷ ହେବା ପରେ ୧୬ ତାରିଖ ଠାରୁ ଗୃହ ଗଣନା କାର୍ଯ୍ୟ ସହ ଗୃହ ତାଲିକା କାର୍ଯ୍ୟାରମ୍ଭ ହେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି । ଏହି ବ୍ଲକ୍ ଅଧୀନସ୍ଥ ୩୨ଟି ଗ୍ରା.ପ., ୧ଟି ଏନ୍‌ଏସି ନିମନ୍ତେ ୪୫୦ ଜଣ ଜନ ଗଣନାକାରୀଙ୍କୁ ଆବଶ୍ୟକ ମୁତାବକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ଆବଶ୍ୟକ ପଡ଼ିଲେ ଅଧିକ ସଂଖ୍ୟ ପରିଦର୍ଶକଙ୍କୁ ଜନ ଗଣନା କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ଅତିରିକ୍ତ ତହସିଲଦାର ନିରନ ନାୟକ, କେ. ଭେଙ୍କଟ ରାଓ, ସତ୍ୟବାନ ପଲେଇ ପ୍ରମୁଖ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

# ବେଲଗୁଣ୍ଠାରେ ମାନସିକ ଦଣ୍ଡଯାତ୍ରା, ଦୁଲୁକିଲା ସହର

ବେଲଗୁଣ୍ଠା,(ନିପ୍ର): ଗଞ୍ଜାମ ପ୍ରସିଦ୍ଧ ଦଣ୍ଡଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ବେଲଗୁଣ୍ଠା ପଣ୍ଡା ସାହିରେ ବେଲଗୁଣ୍ଠା ପୁରୁଣା ଦଣ୍ଡ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଓ ମାନସିକଧାରୀ ପପୁ ସାହୁଙ୍କ ଘରୁ ଶତାଧିକ ବ୍ୟକ୍ତି ପୂଜା ଅର୍ଘ୍ୟ ନେଇ ଲକ୍ଷ୍ମୀ ନୃସିଂହ ମନ୍ଦିର ସମ୍ମୁଖରେ ମାଆଙ୍କୁ ବରଣ କରି ସଂକୀର୍ତ୍ତନ ମଣ୍ଡଳୀ ଏବଂ



ପାରମ୍ପରିକ ବାଦ୍ୟ ବାଜଣାରେ ପପୁ ସାହୁଙ୍କ ବାସ ଭବନ ସମ୍ମୁଖକୁ ପାଛୋଟି ଆଣିଥିଲେ । ସେଠାରେ ଠାକୁରଙ୍କର ବନ୍ଦନା କରାଯିବା ପରେ ଦଣ୍ଡୁଆମାନେ ଚନ୍ଦ୍ରକଣ୍ଠେଶ୍ୱର ମନ୍ଦିରରେ ବିଶ୍ରାମ ନେବା ସହିତ ସେଠାରେ ଠାକୁରଙ୍କର ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା ଓ ମଧ୍ୟାହ୍ନରେ ମାନସିକଧାରୀ ଧୂଳି ଦଣ୍ଡ ଅନୁଷ୍ଠିତ ହେବାପରେ ସ୍ଥାନୀୟ ପୋଖରୀରେ ଅପରାହ୍ଣ ତିନି ଘଣ୍ଟା ସମୟରେ ପାଣି ଦଣ୍ଡ ଅନୁଷ୍ଠିତ ହୋଇଥିଲା ଓ ସନ୍ଧ୍ୟାରେ ମାଆଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । ଠାକୁର ପୋଖରୀ ତୁଠରୁ ପ୍ରଥମେ ମାନସିକଧାରୀଙ୍କ ଘର ସମ୍ମୁଖକୁ ଆସିବା ପରେ ସେଠାରେ ଠାକୁରଙ୍କର ବନ୍ଦନା କରାଯାଇଥିଲା ।

ଏହାପରେ ଚଷା ସାହି ଦେଇ ଭଗତପାଟଣା ସ୍ଥିତ ପାଟଦଣ୍ଡୁଆ ଉଜ୍ଜ୍ୱଳ ଦଳେଇ, ପେଣ୍ଠ ସାହି ବାସିନ୍ଦା ସତ୍ୟ ନାରାୟଣ ପୃଷ୍ଟି, ସନ୍ତୋଷ କୁମାର ସୁବୁଦ୍ଧିଙ୍କ ଘର ନିକଟରେ ଠାକୁରଙ୍କର ବନ୍ଦନା କରାଯିବା ସହିତ ସମସ୍ତ ଦଣ୍ଡୁଆ ଏବଂ କମିଟି ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । ନଗର ପରିକ୍ରମା ସମୟରେ ସହରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଓ ନଗର ପରିକ୍ରମା ପରେ ମଠ ନିକଟରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଆଳତି ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ଶବ ରଖି ରାସ୍ତା ଅବରୋଧ : ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

ଗୋଲାମୁଣ୍ଡା,(ନିପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଉଦେଶୃଙ୍ଗ ଗ୍ରାମର ରାଜିନ ଷଣ୍ଢଙ୍କ ପୁଅ ବବଲୁ ଷଣ୍ଢ (୧୮) ବର୍ଷ ଗତ ମାର୍ଚ୍ଚ ମାସ ୯ ତାରିଖରେ କୌଣସି କାମ ପାଇଁ ଧର୍ମଗଡ ଯାଇ ଘରକୁ ଫେରୁଥିବା ସମୟରେ ଘୋଟିଆ ଛକ ନିକଟରେ ଜଣେ ସାଇକେଲ ଆରୋହୀଙ୍କ ସହ ଦୁର୍ଘଟଣା ଘଟିଥିଲା । ଘଟଣା ସ୍ଥଳରେ ସାଇକେଲ ଆରୋହୀଙ୍କ ଗୋଡ଼ହାତରେ କିଛି କ୍ଷତ ହୋଇଥିବା ବେଳେ ଘୋଟିଆ ଗ୍ରାମର କିଛି ଲୋକ ବବଲୁ ଷଣ୍ଢଙ୍କୁ ଭୀଷଣ ମାଡ଼ ମାରି



ତାଙ୍କ ଉପରେ ମଟର ସାଇକେଲକୁ ଲଦି ଦେଲେ ବୋଲି ପରିବାର ଲୋକ ପ୍ରତିକ୍ରିୟା ଦେଇଥିଲେ । ବବଲୁ ଉପରେ ପଡ଼ିଥିବା ଯୋଗୁଁ ତାଙ୍କ ପିଠିର ୫୦ ଶତକଡା ଅଂଶ ପୋଡ଼ି ଯିବା ସହିତ ମୁଣ୍ଡରେ ତିନି ଯାଗାରେ ଅତ୍ୟଧିକ ମାଡ଼ ଯୋଗୁଁ ମୁଣ୍ଡର ହାଡ଼ ଭାଙ୍ଗି ଯାଇଥିବା ଚର୍ଚ୍ଚା ହେଉଛି । ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇ ଥିଲା ତାଙ୍କର ସ୍ଥିତି ଗୁରୁତର ହେବା ଯୋଗୁଁ ରାଇପୁରର ଏକ ଘରୋଇ ହସ୍ପିଟାଲରେ ଦୀର୍ଘ ୧ ମାସ ତିନି ଦିନ ପରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପରେ ଶବ ଆଣିବା ପାଇଁ ବିଭିନ୍ନ ସୋସିଆଲ ମିଡିଆରେ ଖବର ପାଇ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଗାଡ଼ି ଯୋଗାଡ଼ କରି ଉଦେଶୃଙ୍ଗଙ୍କୁ ଶବ ଆଣିବାରେ ସହଯୋଗ କରିଥିବା ବେଳେ ପରିବାର ଲୋକେ ଉଦେଶୃଙ୍ଗ ତିନି ଛକ ପାଖରେ ଶବ ରଖି ରାସ୍ତା ଅବରୋଧ କରିଥିଲେ । ରାସ୍ତା ଅବରୋଧ ଖବର ପାଇ ଗୋଲାମୁଣ୍ଡା ପୋଲିସ ଉପସ୍ଥିତ ରହି ବୁଝାସୁଝା ସହିତ ମାନଝରୀ ରାଜସ୍ୱ ନିରୀକ୍ଷକ ରେଡ୍ କ୍ରସ ଫଣ୍ଡରୁ ଦଶ ହଜାର ଟଙ୍କା ପ୍ରଦାନ କରିଥିଲେ । ଏନେଇ ଗୋଲାମୁଣ୍ଡା ଥାନା ମାମଲା ରୁଜୁ କରି ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଲାମୁଣ୍ଡା ଥାନା ଅଧିକାରୀ ପ୍ରକାଶ କରିଥିଲେ । ଏହି ରାସ୍ତାରୋକରେ ଗୋଲାମୁଣ୍ଡା ବ୍ଲକ ଯାଦବ ସମାଜ ସଭାପତି ଗିରିଧାରୀ ତେଜି,ଉପ ସଭାପତି ରେବା କଟା, ଉଦେଶୃଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ନାରାୟଣ ଅଗ୍ରିଆ ଗ୍ରାମର ଶତାଧିକ ମହିଳା ଓ ପୁରୁଷମାନେ ଯୋଗ ଦେଇ ରାସ୍ତା ଅବରୋଧ କରିଥିଲେ ।

# ସିଏମ୍ ଟ୍ରଫି : ବାଳକ, ବାଳିକା ଉଭୟ ବର୍ଗରେ ଲୋଇସିଂହା ଚାମ୍ପିୟନ

ବଲାଙ୍ଗିର,(ନିପ୍ର): ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିୟନସିପ୍ ୨୦୨୬ ଆଜି ସ୍ଥାନୀୟ ଗାନ୍ଧୀ ଷ୍ଟାଡ଼ିୟମ୍ ଠାରେ ଉଦ୍‌ଯାପିତ ହୋଇଯାଇଛି । ବାଳିକା ବର୍ଗରେ ଲୋଇସିଂହା ପୁଇଁନ୍ତଲା (କ)କୁ ହରାଇ ଚାମ୍ପିୟନ ହୋଇଛି । ସେହିପରି ବାଳକ ବର୍ଗରେ ଲୋଇସିଂହା ବଲାଙ୍ଗିର (କ) କୁ ହରାଇ ଚାମ୍ପିୟନ ହୋଇଛି । କ୍ରିଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ-ବିଜେତା ମାନଙ୍କୁ ଟ୍ରଫି ପୁରସ୍କୃତ କରିଥିଲେ । ଖୋ-ଖୋ, କବାଡ଼ି ଓ କ୍ରୀଡ଼ା । ସଂପାଦକ ତଥା ମ୍ୟାଚ କମିଶନର ବିଭୂତି ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ




କ୍ରୀଡ଼ା ସଂସଦ କାଉନସିଲ୍ ସଭ୍ୟ ସୁଧିର ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା, ଫୁଟବଲ ସଂପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ରୀ, ଡ଼ା. ସିଦ୍ଧେଶ୍ୱର ମିଶ୍ର, ଡା. ଶୁଭମ ମିଶ୍ର ଓ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡ଼ା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୂଜାରୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମଂଚାସୀନ ଥିଲେ । ଖେଳକୁ ବୁଦ୍ଧିରାଜ ବିଶ୍ୱାଳ, ସୁଦର୍ଶନ ସେଠ, ଜନାର୍ଦ୍ଦନ ସାହୁ, ଚନ୍ଦ୍ରଶେଖର ମେହେର, ସସ୍ମିତା ମିଶ୍ର, ମାଧୁରୀ ପଣ୍ଡା, ଆଶିଷଦେବ ସା, ସୁଶାନ୍ତ ନାଗ, ରଶ୍ମିରାଣୀ ଖଟୁଆ ପରିଚାଳନା କରିଥିଲେ । ପରିଶେଷରେ ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ ।

# ବାର୍ଷିକ ଉତ୍ସବ ସହ ପ୍ରବେଶ ଉତ୍ସବ - ୨୦୨୬

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଅଲଡା ଗ୍ରାମ ନିକଟରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟ ର ନବମ ବାର୍ଷିକ ଉତ୍ସବ ' ସ୍ପନ୍ଦନ ' ଉତ୍ସହ ଓ ଉଦ୍ଦୀପନା ର ସହ ପାଳିତ ହୋଇଛି. ସେହିପରି ପ୍ରବେଶ ଉତ୍ସବରେ ନୂତନ ଭାବେ ଜଇନ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ଉପଢୌକନ ଦେଇ ଉତ୍ସହିତ କରିଥିଲେ.

ଏହି ସ୍ପନ୍ଦନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଗଜପତି ଉପ ଜିଲ୍ଲାପାଳ ଅନୁପ ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ କାଶୀନଗର ତହସିଲଦାର ଅନୁପ କୁମାର ପଣ୍ଡା, ସମାଜସେବୀ ହୃଷିକେଶ ଗୌଡ଼, ସାମ୍ବାଦିକ ଆନନ୍ଦ ପାତ୍ର ଓ ଅଜିତ ପଟନାୟକ ଯୋଗ ଦେଇଥିଲେ. ଅଦର୍ଶ ବିଦ୍ୟାଳୟ ର ଅଧକ୍ଷା ସୁନିତା କୁମାରୀ ପଟନାୟକ ପ୍ରାରମ୍ଭିକ ବକ୍ତବ୍ୟ ରେ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପଜିଲ୍ଲାପାଳ ଶ୍ରୀ ପଣ୍ଡା ବିଦ୍ୟାଳୟ ର ଶୈକ୍ଷିକ ବାତାବରଣ ସୁଦୃଢ଼ କରିବା ସହ ଅଧାପକ ଅଧପିକା ମାନେ କିପରି ଛାତ୍ର ଛାତ୍ରୀ ମାନଂକୁ ଭଲ ଭାବେ ଶିକ୍ଷା ଦାନ ଦେଇ ସେମାନଙ୍କ ଶିକ୍ଷା କ୍ଷେତ୍ରରେ କିପରି ଅଭିବୃଦ୍ଧି ହେବ ସେଥିପାଇଁ ଗୁରୁତ୍ୱ ଦେବାକୁ ବକ୍ତବ୍ୟ ରଖିଥିଲେ. କାର୍ଯ୍ୟକ୍ରମ ରେ ଶିକ୍ଷା, କ୍ରୀଡା, ଚିତ୍ରାଙ୍କନ,ସଂଗୀତ, ଡିବେଟ ଏମିତି ବିଭିନ୍ନ କ୍ଷେତ୍ରରେ କୃତୀ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପୁରୀ ବିଦ୍ୟୁତ୍ ବିଭାଗର ଫୁଁ

## ୨୪ ଘଣ୍ଟା ଜାଣିଶୁଣି ବିଦ୍ୟୁତ୍ କାଟ୍ କଲେ ଜେଇ !

ପିପିଲି,(ନିପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏକ ଆୟୋଜିତ ସଭାରେ ଓଡିଶା ବାସୀଙ୍କୁ ଉଦ୍‌ବୋଧନ ଦେଇ ଜଣାଇଛନ୍ତି ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ ବିଭାଗର ଅଧିକାରୀ ବା କର୍ମଚାରୀ ଅଘୋଷିତ ବିଦ୍ୟୁତକାଟ କଲେ ସେମାନଙ୍କ ବିରୁଦ୍ଧରେ ମୋହନ ସରକାର ଭାରତୀୟ ନ୍ୟାୟ ସଂହିତା ଆଇନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଚେତାବନୀକୁ ପୁରୀ ଜିଲ୍ଲା ବିଦ୍ୟୁତ ବିଭାଗ ଡିଭିଜନର ସାକ୍ଷୀଗୋପାଳ ଉପଖଣ୍ଡ ବିଦ୍ୟୁତ



ବିଭାଗ ସାତଶଙ୍ଖ ଅଧୀନରେ ଥିବା କୁମାରେଶ୍ୱର ସବ ଷ୍ଟେସନ କାର୍ଯ୍ୟାଳୟର କର୍ତ୍ତୃପକ୍ଷଙ୍କ ଖାମଖିଆଲ ନୀତି ପୋଷଣ ଯୋଗୁ ଦୀର୍ଘ ୨୪ ଘଣ୍ଟା ଧରି ଏକ ଗ୍ରାମ ଅନ୍ଧାକାରରେ ରଖିଥିବା ଭଳି ସଂଗୀନ ଅଭିଯୋଗ ହୋଇଛି । ଅଘୋଷିତ ବିଦ୍ୟୁତ୍‌କାଟ୍ ସମ୍ପର୍କରେ ଗ୍ରାମବାସୀମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଯୋଗାଯୋଗ କରି ଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଫୋନ ଉଠାଇ ନଥିଲେ । ଯାହାକି ଗ୍ରାମବାସୀ, କୋମଳମତି ଶିଶୁ,ବୟସ୍କ ବୃଦ୍ଧା ବହୁ ହୀନସ୍ତା ହୋଇ ଖୋଲା ଆକାଶ ତଳେ ଅନ୍ଧାର ରାତ୍ରିରେ ପଡି ରହିଥିବା ଅଭିଯୋଗ ହୋଇଛି ।

ତେଣୁ ଏ ଦିଗରେ ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହିତ ସେମାନଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । କୁମାରେଶ୍ୱର ବିଦ୍ୟୁତ କାର୍ଯ୍ୟାଳୟରେ ନିଯୁକ୍ତି ଥିବା ଅଧିକାରୀ କାର୍ଯ୍ୟାଳୟ ଆସୁ ନଥିବା କୁହାଯାଉଛି । ବିଦ୍ୟୁତ ଉପଭୋକ୍ତାମାନେ କୌଣସି କାର୍ଯ୍ୟରେ ଆସି ଫେରି ପଳାଉଥିବା ଭଳି ଅଭିଯୋଗ ଆଣିଛନ୍ତି ଅଞ୍ଚଳବାସୀ । ସେପଟେ କୌଣସି ଉପଭୋକ୍ତା ଉଚ୍ଚସ୍ଥ ଅଧିକାରୀମାନଙ୍କୁ ଅଭିଯୋଗ କରିଲେ ନିଯୁକ୍ତ ଥିବା ଅଧିକାରୀ ନାଲି ଆଖି ଦେଖାଉ ଥିବା ଅଭିଯୋଗ ହେଉଛି । ଏଦିଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନଜର ଦେବାକୁ ଦାବି ହେଉଛି ।

# 'ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ବରପୁତ୍ରଙ୍କ ଅବଦାନ ଅବିସ୍ମରଣୀୟ'

ପୁରୀ,(ନିପ୍ର): ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ(ଜିଲ୍ଲା ସଂସ୍କୃତି ପରିଷଦ),ପୁରୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡିଶା, ପୁରୀଙ୍କ ସହଭାଗୀତାରେ ଯୁଥ ହଷ୍ଟେଲ ପରିସରରେ ବନ୍ଦନୀୟ ବରପୁତ୍ର ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ଡକ୍ଟର କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗଦେଇଥିଲେ । ସେ କହିଥିଲେ ଯେ ଆମ ଭାଷା, ସାହିତ୍ୟ,ସଂସ୍କୃତି ଯେତିକି ମହାନ ଓ ସମୃଦ୍ଧ ଏହାକୁ ଗୌରବ କରିବାରେ ଆମ ବରପୁତ୍ର ମାନଙ୍କ ଅବଦାନ ଅବିସ୍ମରଣୀୟ ।

ଆମ ଭାଷାକୁ ସମୃଦ୍ଧ କରିବାରେ ରୀତି ଯୁଗର ପଞ୍ଚସଖା ଓ ସତ୍ୟବାଦୀର ପଞ୍ଚସଖାଙ୍କ ଅବଦାନ ଚିର ସ୍ମରଣୀୟ ।ସେମାନଙ୍କ ମହାନ ଜାତି ପ୍ରେମ ଓ ଭାଷା ପ୍ରିତିର ସୁଫଳ ଆମେ ଉପଭୋଗ କରୁଛନ୍ତି । ବର୍ତ୍ତମାନ ସମୟ ଏକ ଘଡି ସନ୍ଧିର ସମୟ । ବର୍ତ୍ତମାନ ଯୁବବର୍ଗଙ୍କୁ ଆମ ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅବଗତ କରାଇବା ସହ ଆମ ଭାଷା ସାହିତ୍ୟକୁ ସେମାନଙ୍କ ମାଧ୍ୟମରେ ଆଗକୁ ନେବାପାଇଁ ବ୍ୟବସ୍ଥା ସମ୍ପର୍କରେ ସେ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରତିଭା ବୀରେନ୍ଦ୍ର ମହାନ୍ତି,



ସମ୍ମାନିତ ଅତିଥିଭାବେ ଅଧିବକ୍ତା ବିନୟ ନୃସିଂହ ମହାପାତ୍ର, ଅଧିବକ୍ତା ରଚିତା ରାଉତରା, ପ୍ରାକ୍ତନ ଯୋଗାଣ ଅଧିକାରୀ ସନ୍ତୋଷ କୁମାର ମହାନ୍ତି, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷା ଏକ ଚମତ୍କାର ଭାଷା ।ଏହାର ସୁରକ୍ଷା, ପ୍ରଚାର ପ୍ରସାର ଓ ବ୍ୟାପକ ବ୍ୟବହାର ଆମ ସମସ୍ତଙ୍କ ଧେୟ ହେବା ଉଚିତ ବୋଲି କହିଥିଲେ । ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ବିପିନ ବିହାରୀ ଦଳାଇ । ଆୟୋଜିତ ଆଲୋଚନା ଚକ୍ରରେ ଡକ୍ଟର ହେମନ୍ତ ଛୋଟରାୟ, ଶିକ୍ଷାବିତ୍ ବିଜୟ ଲକ୍ଷ୍ମୀ ଦାଶ, ପ୍ରଫେସର କାର୍ତ୍ତିକ କୁମାର ଦାସ, ସଦାଶିବ ମିଶ୍ର, ଦେବେନ ଦାଶ, ବିଜୟ କୁମାର ପଣ୍ଡା, ବିଶ୍ୱବନ୍ଧୁ ଦାସ, ସୁବ୍ରତ ଜେନା, ଐଶ୍ୱର୍ଯ୍ୟ ଦାଶ, ଯୋଗେଶ୍ୱର ପ୍ରହରାଜ, ଶୁଭଶ୍ରୀ ମହାପାତ୍ର, ଦାମୋଦର ମହାନ୍ତି, ସୁରେଶ ପଟ୍ଟନାୟକ, ଅନନ୍ତ ପ୍ରଧାନ, ମିନତୀ ମିଶ୍ର, ପ୍ରଭାସିନୀ ମିଶ୍ର, ମିନତୀ ପଟ୍ଟନାୟକ,ରଶ୍ମିତା ଦାସ ମହାପାତ୍ର,ମନସ୍ୱିନୀ ବେହେରା, ସନ୍ତୋଷିନୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା ।

# ପଞ୍ଚଭୂତରେ ଲୀନ ହେଲେ ଆଶା ଭୋସଲେ

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ



ନୂଆଦିଲ୍ଲୀ,୧୩।୪ : ଜଣାଶୁଣା ଗାୟିକା ଆଶା ଭୋସଲେଙ୍କ ଶେଷକୃତ୍ୟ ସମ୍ପନ୍ନ । ମୁମ୍ବାଇର ଶିବାଜୀ ପାର୍କରେ ଅନ୍ତିମ ସଂସ୍କାର ହୋଇଛି । ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କୁ ଦିଆଯାଇଛି ଅନ୍ତିମ ବିଦାୟ। ପୁଅ ଆନନ୍ଦ ମୁଖାଗ୍ନୀ ଦେଇଥିଲେ। ପରିବାର ଲୋକଙ୍କ ସହ ଉପସ୍ଥିତ ସମସ୍ତଙ୍କ ଆଖିରୁ ଲୁହ ଝରି ଆସିଥିଲା। ଆଉ ଶେଷ ବିଦାୟ ଦିଆଯାଇଥିଲା ଏହି ବର୍ଷିୟାନ ଗାୟିକାଙ୍କୁ। ଏକ ଶୋକାକୂଳ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି ଶେଷକୃତ୍ୟ। ଶିବାଜୀ ପାର୍କ ନିଶବ୍ଦ ହୋଇଯାଇଥିବାବେଳେ ସମସ୍ତଙ୍କ ଆଖିରେ କେବଳ ଭରି ରହିଥିଲା ଲୁହ ଏବଂ ଲୁହ। ରବିବାର ମୁମ୍ବାଇର ବ୍ରିଚଲ୍ୟାଣ୍ଡି ହସ୍ପିଟାଲରେ ଆଶାଙ୍କ ପରଲୋକ ହୋଇଥିଲା । ସୋମବାର ସକାଳ ୧୦:୩୦ ରୁ ଅପରାହ୍ନ ୨:୦୦ ଟା ପର୍ଯ୍ୟନ୍ତ କସା ଗ୍ରାଣ୍ଡେ ବିଲ୍ଡିଂରେ ମରଶରୀରକୁ ଦର୍ଶନ କରିଥିଲେ । ଆଶା ଭୋସଲେଙ୍କ ଶେଷ ଦର୍ଶନ ପାଇଁ ସେଲିବ୍ରିଟିମାନେ ତାଙ୍କ ଘରେ ପହଞ୍ଚିଥିଲେ । ଆଶା ଭୋସଲେଙ୍କ ପରିବାର ଦୁଃଖରେ ଭାଙ୍ଗିପଡ଼ିଥିବାବେଳେ ସମସ୍ତେ ଶାନ୍ତ୍ୱନା ଦେଇଥିଲେ । ଆଶାଙ୍କ ନାତୁଣୀ ଜନାଇ ଅଧିକ ଭାବପ୍ରବଣ ହୋଇପଡ଼ିଥିଲେ । ନାତୁଣୀ ଅଭିନେତ୍ରୀ ତବୁକୁ ଧରି କାନ୍ଦିବାର ଦେଖିବାକୁ ମିଳିଥିଲେ । ତେବେ କେବଳ ପରିବାର ଲୋକ ନୁହଁନ୍ତି ବରଂ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ବି ଏତେ ଭାଙ୍ଗି ପଡିଛନ୍ତି ଯେ, ତାଙ୍କ ଆଖିରେ ଦେଖିବାକୁ ମିଳିଥିଲା ଲୁହ। ସଚିନ ତେନ୍ଦୁଲକର ଆଶା ଭୋସଲେଙ୍କୁ ଶେଷ ଦର୍ଶନ କରିଥିଲେ ।

# ନାରୀ ଶକ୍ତି ବନ୍ଦନ ସମ୍ମେଳନକୁ ସମ୍ବୋଧିତ କଲେ ମୋଦି

## ପଞ୍ଚାୟତରୁ ପାର୍ଲାମେଣ୍ଟ ମହିଳାଙ୍କ ଯାତ୍ରା ହେବ ସହଜ




ନୂଆଦିଲ୍ଲୀ,୧୩।୪(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ନାରୀ ଶକ୍ତି ବନ୍ଦନ ସମ୍ମେଳନରେ ଉଦ୍‌ବୋଧନ ଦେଇଛନ୍ତି। ବୈଶାଖୀର ପବିତ୍ର ଅବସର ଏବଂ ଦେଶର ବିଭିନ୍ନ ସ୍ଥାନରେ ନବବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ଜାଲିଆନାୱାଲା ବାଗ ହତ୍ୟାକାଣ୍ଡର ସହିଦମାନଙ୍କୁ ମଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।ମୋଦି ଦୃଢ଼ତାର ସହ କହିଛନ୍ତି, "ଭାରତ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ନିଷ୍ପତ୍ତି ମଧ୍ୟରୁ ଗୋଟିଏ ନେବାକୁ ଯାଉଛି, ଏହା ନାରୀ ଶକ୍ତି ପାଇଁ ଉତ୍ସର୍ଗୀକୃତ ।" ଏହି ମୁହୂର୍ତ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସଂସଦ ଏକ ନୂତନ ଇତିହାସ ସୃଷ୍ଟି କରିବାର ନିକଟତର ହୋଇଛି । ଏହା ଅତୀତର ସ୍ୱପ୍ନ ଏବଂ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ସାମାଜିକ ନ୍ୟାୟ ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି, ଦେଶ ଏପରି ଏକ ସମାନତାବାଦୀ ଭାରତର ପରିକଳ୍ପନା କରିଛି ଯେଉଁଠାରେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନ ନୁହେଁ ବରଂ କାର୍ଯ୍ୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ହେବ। ରାଜ୍ୟ ବିଧାନସଭାଠାରୁ ଆରମ୍ଭ କରି ଦେଶର ସଂସଦ ପର୍ଯ୍ୟନ୍ତ ଅନେକ ଦଶନ୍ଧି ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୨୦୨୩ରେ ନୂତନ ସଂସଦ ଭବନରେ ନାରୀ ଶକ୍ତି ବନ୍ଦନ ଆଇନ ଗୃହୀତ ହେବା ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଥିଲେ, ଏହାକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ସବୁ ଦଳ ଏହାକୁ ଯେକୌଣସି ପରିସ୍ଥିତିରେ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବା ଉଚିତ ବୋଲି ସହମତ ହୋଇଥିଲେ। ନାରୀ ଶକ୍ତି ବନ୍ଦନ ଆଇନକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ଯାହା ଦ୍ୱାରା ମହିଳାମାନଙ୍କର ଅଂଶଗ୍ରହଣ ଆମର ଗଣତନ୍ତ୍ରକୁ ସୁଦୃଢ଼ କରିପାରିବ, ଏଥିପାଇଁ ସଂସଦର ବଜେଟ ଅଧିବେଶନର ଏକ ସ୍ୱତନ୍ତ୍ର ଅଧିବେଶନ ଏପ୍ରିଲ ୧୬ ରୁ ଆରମ୍ଭ ହେବ। ଆମର ପ୍ରୟାସ ଏବଂ ପ୍ରାଥମିକତା ହେଉଛି ଏହି କାର୍ଯ୍ୟକୁ ଆଲୋଚନା, ସହଯୋଗ ଏବଂ ଅଂଶଗ୍ରହଣ ମାଧ୍ୟମରେ ସମ୍ପାଦିତ କରିବା ଯାହା ସଂସଦର ମର୍ଯ୍ୟାଦା ବୃଦ୍ଧି କରିବ ବୋଲି ଶ୍ରୀ ମୋଦୀ କହିଥିଲେ।

ଦେଶବ୍ୟାପୀ ଏହି ପ୍ରସଙ୍ଗରେ ମହିଳାମାନଙ୍କ ମଧ୍ୟରେ ପରିଲକ୍ଷିତ ଉତ୍ସାହ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ, ସାରା ଦେଶରେ ମହିଳାମାନେ ବିଧାନସଭା ଓ ଲୋକସଭାରେ ପହଞ୍ଚିବା ପାଇଁ ସେମାନଙ୍କର ଆକାଂକ୍ଷାର ପରିପ୍ରକାଶ କରୁଛନ୍ତି। ସେମାନଙ୍କର ସ୍ୱପ୍ନକୁ ନୂତନ ପକ୍ଷ ମିଳିଛି ଏବଂ ଦେଶରେ ଏକ ସକାରାତ୍ମକ ପରିବେଶ ସୃଷ୍ଟି ହୋଇଛି। "ମୁଁ ସବୁ ମହିଳାଙ୍କୁ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ବଜାୟ ରଖିବା ଏବଂ ସେମାନଙ୍କର ଦୃଷ୍ଟିକୋଣ ଓ ପ୍ରତ୍ୟାଶା ବ୍ୟକ୍ତ ପାଇଁ ନିଜ ନିଜର ସାଂସଦମାନଙ୍କୁ ଭେଟିବାକୁ ନିବେଦନ କରୁଛି," ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।ସ୍ୱାଧୀନତା ସଂଗ୍ରାମରୁ ସମ୍ବିଧାନ ସଭା ପର୍ଯ୍ୟନ୍ତ ମହିଳାମାନଙ୍କ ଅବଦାନର ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ସ୍ୱାଧୀନ ଭାରତର ମୂଳଦୁଆ ସ୍ଥାପନ କରିବାରେ ନାରୀ ଶକ୍ତିର ବ୍ୟାପକ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ, ପଞ୍ଚାୟତିରାଜ ପ୍ରତିଷ୍ଠାନଗୁଡ଼ିକ ମହିଳା ନେତୃତ୍ୱର ଏକ ଉତ୍କୃଷ୍ଟ ଉଦାହରଣ । ଆଜି ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାଗୁଡ଼ିକରେ ୧୪ ଲକ୍ଷରୁ ଅଧିକ ମହିଳା ସଫଳତାର ସହିତ କାର୍ଯ୍ୟ କରୁଛନ୍ତି। ପ୍ରାୟ ୨୧ଟି ରାଜ୍ୟରେ, ପଞ୍ଚାୟତରେ ସେମାନଙ୍କର ଅଂଶଗ୍ରହଣ ପ୍ରାୟ ୫୦ ପ୍ରତିଶତରେ ପହଞ୍ଚିଛି।

# ଚାକିରି ପାଇଁ ଜମି ଦୁର୍ନୀତିରେ ଲାଲୁ ଯାଦବଙ୍କୁ ଝଟକା

## ଏଫ୍‌ଆଇଆର୍ ରଦ୍ଦ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୩।୪: ଚାକିରି ପାଇଁ ଜମି ମାମଲାରେ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କୁ ଏକ ବଡ଼ ଝଟକା ଲାଗିଛି। ସିବିଆଇ ଏଫ୍‌ଆଇଆରକୁ ରଦ୍ଦ କରିବା ପାଇଁ ତାଙ୍କ ଅନୁରୋଧକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି, ଟ୍ରାଏଲ୍ କୋର୍ଟ ଗୁରୁତ୍ୱ ଅନୁଯାୟୀ ମାମଲାର ଶୁଣାଣି ଜାରି ରଖିବା ଉଚିତ। ବିଚାରପତି ଏମ୍.ଏମ୍. ସୁନ୍ଦରେଶ ଏବଂ ଏନ୍. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି, ଶୁଣାଣି ସମୟରେ ଲାଲୁ ଯାଦବଙ୍କୁ ପ୍ରତ୍ୟେକ ଥର ନିମ୍ନ ଅଦାଲତରେ ବ୍ୟକ୍ତିଗତ ଭାବରେ ହାଜର ହେବାକୁ ପଡ଼ିବ ନାହିଁ। ମାମଲାର ଗୁରୁତ୍ୱକୁ ସମ୍ପୂର୍ଣ୍ଣ ବିଚାର କରିବା ପାଇଁ ମଧ ଟ୍ରାଏଲ୍ କୋର୍ଟକୁ କ୍ଷମତା ଦିଆଯାଇଛି। ଏହି ମାମଲାରେ ତାଙ୍କ ସହ ପରିବାରର ଅନ୍ୟ ସଦସ୍ୟଙ୍କ ବିରୋଧରେ ରୁଜୁ ହୋଇଥିବା ଏଫ୍‌ଆଇଆରକୁ ରଦ୍ଦ କରିବାକୁ ଲାଲୁ ଆବେଦନ କରିଥିଲେ। ଲାଲୁ ଯାଦବ ଯୁକ୍ତି ଦେଇଥିଲେ, ଏଫ୍‌ଆଇଆର ତଦନ୍ତ ପ୍ରକ୍ରିୟା ଏବଂ ମାମଲାରେ ଦାଖଲ ହୋଇଥିବା ପରବର୍ତ୍ତୀ ଚାର୍ଜସିଟ୍ ଆଇନଗତ ଭାବରେ ବିଚାରଯୋଗ୍ୟ ନୁହେଁ। ସେ ଯୁକ୍ତି ଦେଇଥିଲେ ଯେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦୁର୍ନୀତି ନିବାରଣ ଆଇନର ଧାରା ୧୭-ଏ ଅନୁଯାୟୀ ଆବଶ୍ୟକ ମଞ୍ଜୁରୀ ପୂର୍ବରୁ ନେଇ ନଥିଲେ। ସେ ୨୦୦୪ ରୁ ୨୦୦୯ ମଧ୍ୟରେ ରେଳମନ୍ତ୍ରୀ ଥିବାବେଳେ ମଧ୍ୟପ୍ରଦେଶର ଜବଲପୁରରେ ଭାରତୀୟ ରେଳବାଇର ପଶ୍ଚିମ କେନ୍ଦ୍ରୀୟ ଜୋନରେ ଗ୍ରୁପ୍ ଡି ପଦବୀ ପାଇଁ ପ୍ରାର୍ଥୀ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କଠାରୁ ଜମି ନିଆଯାଇଥିବା ଅଭିଯୋଗ ହୋଇଥିଲା । ତଦନ୍ତକାରୀ ସଂସ୍ଥାଗୁଡ଼ିକ ଅନୁଯାୟୀ, ଚାକିରି ବଦଳରେ ଏହି ଜମିଗୁଡ଼ିକୁ ଲାଲୁଙ୍କ ପରିବାର କିମ୍ବା ତାଙ୍କ ସହଯୋଗୀମାନଙ୍କୁ ହସ୍ତାନ୍ତର କରାଯାଇଥିଲା ଅବା ଉପହାର ଦିଆଯାଇଥିଲା। ୧୮ ମେ ୨୦୨୨ରେ ମାମଲା ଦାୟର କରାଯାଇଥିଲା, ଯେଉଁଥିରେ ଲାଲୁ ପ୍ରସାଦ ଯାଦବ, ତାଙ୍କ ପତ୍ନୀ, ଦୁଇ ଝିଅ, ଅନେକ ସରକାରୀ ଅଧିକାରୀ ଏବଂ ବ୍ୟକ୍ତିଗତ ବ୍ୟକ୍ତିଙ୍କୁ ଅଭିଯୁକ୍ତ ଭାବରେ ଦର୍ଶାଯାଇଥିଲା। ବର୍ତ୍ତମାନ, ୭୭ ବର୍ଷୀୟ ଲାଲୁ ପ୍ରସାଦ ଯାଦବ ଏବଂ ଅନ୍ୟ ଅଭିଯୁକ୍ତମାନେ ଜାମିନରେ ଅଛନ୍ତି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ, ଏବେ ଏହା ସ୍ପଷ୍ଟ ହୋଇଛି, ଟ୍ରାଏଲ୍ କୋର୍ଟରେ ମାମଲାର ବିଚାର ହେବ।

# ଏସଆଇଆରରେ ହଟିଥିବା ପଶ୍ଚିମବଙ୍ଗ ଭୋଟରଙ୍କ ଅନ୍ତରୀଣ ମତଦାନ ଅଧିକାରକୁ ସୁପ୍ରିମକୋର୍ଟଙ୍କ ଅସ୍ୱୀକାର

ନୂଆଦିଲ୍ଲୀ,୧୩।୪: ପଶ୍ଚିମବଙ୍ଗର ଯେଉଁ ମତଦାତାଙ୍କ ନାମ ଭୋଟର ଲିଷ୍ଟରୁ ବାଦପଡିଛି ସେମାନଙ୍କୁ ସୁପ୍ରିମକୋର୍ଟରୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳି ପାରିଲାନି। କାରଣ ସୋମବାର ସୁପ୍ରିମକୋର୍ଟ ଏସଆଇଆରରେ ବାଦପଡିଥିବା ଭୋଟର ଓ ଯେଉଁମାନଙ୍କ ଆବେଦନ ବିଚାରାଧୀନ ଅଛି ସେମାନଙ୍କୁ ଅନ୍ତରୀଣ ମତଦାନ ଅଧିକାର ଦେବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଆଗାମୀ ବିଧାନସଭା ନିର୍ବାଚନରେ ଏମାନଙ୍କୁ ମତଦାନ ଲାଗି ଅନୁମତି ଦେଇ ହେବନି।ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟା ବାଗଚୀଙ୍କ ପୀଠ ପଶ୍ଚିମବଙ୍ଗରେ ଏସଆଇଆର ଏକ୍ସରସାଇଜକୁ ଚ୍ୟାଲେଞ୍ଜ କରୁଥିବା ଏକ ସମୂହ ଆବେଦନର ଶୁଣାଣି କରି ଏହି ଟିପ୍ପଣୀ କରିଛନ୍ତି। ଆବେଦନକାରୀମାନେ ଭୋଟର ଲିଷ୍ଟ ଫ୍ରିଜ କରିବା ତିଥିକୁ ସମ୍ପ୍ରସାରଣ କରିବାକୁ ଆଗ୍ରହ କରିଥିଲେ। ଏହାଦ୍ୱାରା ସେମାନଙ୍କ ଆବେଦନ ସ୍ୱୀକାର ହେଲେ ସେମାନେ ଆଗାମୀ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ। ଭୋଟର ଲିଷ୍ଟକୁ ଏପ୍ରିଲ ୯ ତାରିଖରେ ଫ୍ରିଜ କରାଯାଇଥିଲା। ଆବେଦନକାରୀ ତର୍କ ଦେଇଛନ୍ତି ଯେ ସେମାନଙ୍କ ମଧ୍ୟରୁ ଅନେକଙ୍କ ନାମ ୨୦୦୨ ଭୋଟର ଲିଷ୍ଟରେ ଥିଲା ଓ ସେମାନଙ୍କ ପାଖରେ ଆଧାରକାର୍ଡ ଓ ପାସପୋର୍ଟ ଭଳି ଡକ୍ୟୁମେଣ୍ଟ ଅଛି।ମାମଲାରେ ସିଜେଆଇ ଟିପ୍ପଣୀ କରି କହିଛନ୍ତି ଯେ 'ସେମାନଙ୍କୁ ମତଦାନର ଅନୁମତି ଦେବାକୁ ପ୍ରଶ୍ନ ଉଠୁଛି କେଉଁଠୁ? ଯଦି ଆମେ ସେମାନଙ୍କୁ ଅନୁମତି ଦେଉ ତେବେ ସେମାନଙ୍କ ମତଦାନ ଅଧିକାର ଉପରୋ ରୋକ ଲଗାଇବାକୁ ପଡିବ ଯେଉଁମାନେ ଏଥିରେ ସାମିଲ ଅଛନ୍ତି'। ନ୍ୟାୟାଳୟ କହିଛନ୍ତି ଯେ ଯେଉଁମାନଙ୍କ ବିରୋଧରେ ମାମଲା ବିଚାରାଧୀନ ରହିଛି ସେମାନଙ୍କୁ ଭୋଟ ଦେବାକୁ ଅନୁମତି ଦିଆଯାଇ ପାରିବନି। ସିଜେଆଇ କହିଛନ୍ତି ଯେ ଆମେ ଏପରି ପରିସ୍ଥିତି ସୃଷ୍ଟି କରିପାରିବୁନି ଯାହାଦ୍ୱାରା ଆପିଲେଟ ଟ୍ରିବ୍ୟୁନାଲ ଓ ବିଚାରପତିଙ୍କ ଉପରେ ବୋଝ ପଡିବ।ଏହି ଘଟଣାକ୍ରମ ଏପରି ସମୟରେ ସାମ୍ନାକୁ ଆସିଛି ଯେତେବେଳେ ଏସଆଇଆର ପ୍ରକ୍ରିୟା ଯୋଗୁ ପଶ୍ଚିମବଙ୍ଗ ଭୋଟର ଲିଷ୍ଟରୁ ୯୦ ଲକ୍ଷ ଭୋଟର ବାଦ ପଡିଥିବାର ଖବର ଆସୁଛି। ଏମାନଙ୍କ ମଧ୍ୟରେ ପାଖାପାଖି ୬୩% ହିନ୍ଦୁ ହୋଇଥିବା ବେଳେ ୩୪% ମୁସଲମାନ ଭୋଟର ଅଛନ୍ତି।

# ମହାରାଷ୍ଟ୍ରରେ କାର୍ ଓ ସିମେଣ୍ଟ ମିକ୍ସର ଗାଡ଼ି ମଧ୍ୟରେ ଧକ୍କା : ୧୧ ମୃତ



ନୂଆଦିଲ୍ଲୀ,୧୩।୪ : ମହାରାଷ୍ଟ୍ରରେ ଭୟଙ୍କର ସଡ଼କ ଦୁର୍ଘଟଣା । ସିମେଣ୍ଟ ମିକ୍ସର ସହ ଧକ୍କା ହୋଇ ଚାଲିଗଲା ୧୧ ଜୀବନ ଏବଂ ୩ ଗୁରୁତର। ମହାରାଷ୍ଟ୍ରର ଠାଣେ ଜିଲ୍ଲାରେ ଏକ ହୃଦୟ ବିଦାରକ ସଡ଼କ ଦୁର୍ଘଟଣା ଘଟିଛି । ଓଭରବ୍ରିଜ୍ ଥିବା ସିମେଣ୍ଟ ମିକ୍ସର ଗାଡି ସହ ଦ୍ରୁତଗତିରେ ଆସୁଥିବା କାର ଧକ୍କା ହେବା ଫଳରେ ୧୧ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଯାତ୍ରୀବାହୀ ଗାଡ଼ିଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇଯାଇଛି। ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ମୃତଦେହଗୁଡ଼ିକୁ ବାହାର କରିଛନ୍ତି । ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯେଉଁଠାରେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ବର୍ତ୍ତମାନ ସେଠାରେ ଯୁଦ୍ଧକାଳୀନ ଭିତ୍ତିରେ ରେସ୍କ୍ୟୁ ଅପରେସନ ଜାରି ରହିଛି।

# ଟ୍ରକ ଧକ୍କାରେ ୭ ମୃତ

ନୂଆଦିଲ୍ଲୀ,୧୩।୪: ରବିବାର ରାତିରେ ଗୁଜୁରାଟ ରାଜପଥରେ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେବାରୁ ଛଅ ଜଣ ତୀର୍ଥ ଯାତ୍ରୀଙ୍କ ସମେତ ସାତ ଜଣଙ୍କର ମୃତ୍ୟୁ ହୋଇଛି । ଯାତ୍ରୀମାନେ ତୀର୍ଥ କରିବାକୁ ରାଜକୋଟର ଗଡକା ଗ୍ରାମରୁ ଡେକାୱାଲର ଏକ ମନ୍ଦିରକୁ ଯାଉଥିଲେ । ସୁରେନ୍ଦ୍ରନଗରର ଭାସ୍କରପାରା ନିକଟ ଲଖତାର- ଭିରାଗାମ ରାଜପଥରେ ଯାଉଥିବା ସମୟରେ ଏହି ଅଘଟଣ ଘଟିଛି । ତାର୍ଥଯାତ୍ରୀମାନେ ଟାୟାର ପରିବର୍ତ୍ତନ ପାଇଁ ରାସ୍ତା କଡରେ ଠିଆ ହୋଇଥିବା ଏକ ଡମ୍ପରକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ । ସେହି ସମୟରେ ଟ୍ରକଟି ପଛରୁ ପ୍ରାୟ ଦଶ ଜଣଙ୍କୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋର ଥିଲା ଯେ, ଘଟଣାସ୍ଥଳରେ ୬ ଜଣ ତୀର୍ଥ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ପଥଚାରୀମାନେ ପୋଲିସକୁ ଦୁର୍ଘଟଣା ବିଷୟରେ ସୂଚନା ଦେଇଥିଲେ । ଡମ୍ପର ଡ୍ରାଇଭର, ଯିଏ ଟ୍ରକ ଦ୍ୱାରା ଧକ୍କା ପାଇଥିଲେ, ଭିରାମଗାମର ଏକ ହସ୍ପିଟାଲରେ ଚିକିତ୍ସା ସମୟରେ ମୃତ୍ୟୁବରଣ କରିଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲା ।

# ହଙ୍ଗେରୀ: ନୂଆ ପ୍ରଧାନମନ୍ତ୍ରୀ ହେବେ ପିଟର ମାଗ୍ୟାର

ବୁଡାପେଷ୍ଟ,୧୩।୪: ଆଉ ଜଣେ ଦୀର୍ଘ ଦିନର ଶାସକଙ୍କ ପତନ ଘଟିଛି ଏବଂ ଏଥର ଏହା ହଙ୍ଗେରୀରେ ଦେଖିବାକୁ ମିଳିଛି। ୧୬ ବର୍ଷ ଧରି ହଙ୍ଗେରୀରେ ଶାସନ କରିଆସୁଥିବା ଭିକ୍ଟର ଓରବାନ୍ ରବିବାର ଦିନ ନିଜର ପରାଜୟ ସ୍ୱୀକାର କରିଛନ୍ତି। ପିଟର ମାଗ୍ୟାର ସଂସଦୀୟ ନିର୍ବାଚନରେ ବିପୁଳ ବହୁମତ ହାସଲ କରିଛନ୍ତି। ଓରବାନଙ୍କ ବିଦାୟ ଏବଂ ନିର୍ବାଚନ ଫଳାଫଳ ନିଜକୁ ୟୁରୋପୀୟ ସଂଘର 'କଣ୍ଟା' ଏବଂ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ବୋଲି କହୁଥିବା ଓରବାନଙ୍କୁ ୪୫ ବର୍ଷୀୟ ମାଗ୍ୟାର କ୍ଷମତାଚ୍ୟୁତ କରିଛନ୍ତି।

# ବିଜେପି ଆସିଲେ ବନ୍ଦ ହେବ ୪ ବିବାହ: ଶାହ

ନୂଆଦିଲ,୧୩।୪: ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ଜୋରଦାର ହୋଇଛି ନିର୍ବାଚନୀ ପ୍ରଚାର। ଦୁଇ ପ୍ରମୁଖ ଦଳ ଟିଏମସି ଏବଂ ବିଜେପି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହିକ୍ରମରେ ସୋମବାର କେନ୍ଦ୍ରମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗରେ ପ୍ରଚାର କରିଛନ୍ତି। ବଡ଼ କଥା ହେଲା ଏହି ପ୍ରଚାର ସମୟରେ ସେ ଟିଏମସି ଉପରେ ବର୍ଷିଛନ୍ତି।ବୀରଭୂମି ଜିଲ୍ଲାର ମୟୂରେଶ୍ୱରରେ ଏକ ନିର୍ବାଚନୀ ରାଲିରେ ଭାଷଣ ଦେଇ ଶାହ, ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରିବା ପାଇଁ ବିଜେପିର ପ୍ରତିଶ୍ରୁତିକୁ ଦୋହରାଇଛନ୍ତି। ଅମିତ ଶାହ କହିଛନ୍ତି ପଶ୍ଚିମବଙ୍ଗରେ କିଛି ଲୋକଙ୍କୁ ଚାରିଥର ବିବାହ କରିବାର ଅନୁମତି ଅଛି। ହେଲେ ଯଦି ବିଜେପି କ୍ଷମତାକୁ ଆସେ, ତେବେ ୟୁସିସି ଲାଗୁ କରି ଏହା ଉପରେ ରୋକ ଲଗାଇବ। ଏହି ସମୟରେ ଅମିତ ଶାହ ବିଜେପି ଦ୍ୱାରା ଦିଆଯାଇଥିବା ଅନ୍ୟ ପ୍ରତିଶ୍ରୁତି ବିଷୟରେ ମଧ କହିଥିଲେ। ସେ ରାଜ୍ୟର ମହିଳାମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଯଦି ବିଜେପି କ୍ଷମତାକୁ ଆସେ ତେବେ ସେମାନେ ଦିନରାତି ସ୍ୱାଧୀନ ଭାବରେ କାମ କରିପାରିବେ।

# ହର୍ମୁଜ ଉପରେ ଆମେରିକାର ଘେରାବନ୍ଦୀ ପରେ ଫସି ରହିଛି ଭାରତର ୧୫ ଜାହାଜ



ନୂଆଦିଲ୍ଲୀ,୧୩।୪: ପାକିସ୍ତାନରେ ଆମେରିକା-ଇରାନ ଆଲୋଚନା ବିଫଳ ହେବା ପରେ, ଆମେରିକା ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ଦାବି କରିଛି। ଏହି ଘୋଷଣା ଭାରତୀୟ ଜାହାଜ ପାଇଁ ଅସୁବିଧା ବଢ଼ାଇ ଦେଇଛି। ହର୍ମୁଜରେ ବହୁ ସଂଖ୍ୟାରେ ଜାହାଜ ଫଶି ରହିଛନ୍ତି। ଏହା ଭିତରେ କେନ୍ଦ୍ର ସରକାର ହର୍ମୁଜରେ ଫଶିଥିବା ଭାରତୀୟ ଜାହାଜକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ମୁକେଶ ମଙ୍ଗଲ କହିଛନ୍ତି , ହରମୁଜରେ ୧୫ଟି ଭାରତୀୟ ଜାହାଜ ଫସି ରହିଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ସରକାର ନିରନ୍ତର ପ୍ରୟାସ କରୁଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ବର୍ତ୍ତମାନ ଉପସାଗରୀୟ ଅଞ୍ଚଳରେ ସବୁ ଭାରତୀୟ ନାବିକ ସୁରକ୍ଷିତ ଅଛନ୍ତି। ଗତ ୨୪ ଘଣ୍ଟାରେ ଭାରତୀୟ ପତାକା ଥିବା ଜାହାଜ ସହ କୌଣସି ଅପ୍ରିୟ ଘଟଣା ଘଟିଥିବାର ସୂଚନା ମିଳିନି। ସରକାର ସ୍ଥିତି ଉପରେ ଲଗାତାର ନଜର ରଖିଛନ୍ତି। ଜାହାଜ ଚଳାଚଳ ମନ୍ତ୍ରଣାଳୟ ଅନୁଯାୟୀ, ପର୍ସିଆନ୍ ଉପସାଗରର ପଶ୍ଚିମ ଭାଗରେ ଏବେ ବି ୧୫ଟି ଭାରତୀୟ ପତାକାଧାରୀ ଜାହାଜ ଫସି ରହିଛି। ଏଥିରେ ଗୋଟିଏ ଏଲଏନଜି ଜାହାଜ, ଗୋଟିଏ ଖାଲି ଏଲପିଜି ଜାହାଜ, ଛଅଟି ଅଶୋଧିତ ତୈଳ ଟ୍ୟାଙ୍କର୍ (ପାଞ୍ଚଟି ପୂର୍ଣ୍ଣ ଏବଂ ଗୋଟିଏ ଖାଲି), ତିନୋଟି କଣ୍ଟେନର୍ ଜାହାଜ, ଗୋଟିଏ ଡ୍ରେଜର ଏବଂ ଗୋଟିଏ ରାସାୟନିକ କାର୍ଗୋ ଜାହାଜ ରହିଛି। ଭାରତୀୟ ନୌସେନା ଏହି ଜାହାଜଗୁଡ଼ିକୁ ସୁରକ୍ଷିତ ଭାବରେ ଖାଲି କରିବା ପାଇଁ ଲଗାତାର ଚେଷ୍ଟା ଜାରି ରଖିଛି। ଯୁଦ୍ଧ ଆରମ୍ଭ ହେବା ମାତ୍ରେ ଭାରତୀୟ ନୌସେନା ଏକ ଅତିରିକ୍ତ ଟାସ୍କ ଫୋର୍ସ ଗଠନ କରିଥିଲା। ନୌସେନା ପାରସ୍ୟ ଉପସାଗରରେ ପ୍ରବେଶ କରୁନାହିଁ, କିନ୍ତୁ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଭାରତୀୟ ଜାହାଜଗୁଡ଼ିକୁ ନାଭିଗେସନ୍ ଏବଂ ଯୋଗାଯୋଗ ସହାୟତା ଯୋଗାଇ ଦେଉଛି। ଜାହାଜଗୁଡ଼ିକ ହର୍ମୁଜ୍ ପ୍ରଣାଳୀ ଦେଇ ଯିବା ପରେ, ନୌସେନା ଜାହାଜଗୁଡ଼ିକ ସେମାନଙ୍କୁ ଓମାନ ଉପସାଗର ଦେଇ ସୁରକ୍ଷିତ ଭାବରେ ସୁରକ୍ଷା ଦେଇ ଉତ୍ତର ଆରବ ସାଗରକୁ ନେଇଯାଏ। ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ପ୍ରତିରକ୍ଷା ମୁଖ୍ୟ ଏବଂ ନୌସେନା ମୁଖ୍ୟ ବ୍ୟକ୍ତିଗତ ଭାବରେ ଏହି ଅଭିଯାନ ଉପରେ ନଜର ରଖିଛନ୍ତି।

# ଦରମା ପାଇଁ ଶ୍ରମିକଙ୍କ ଲଙ୍କାକାଣ୍ଡ

## ଡିଏନଡି ଫ୍ଲାଏୱେରେ ଭୟଙ୍କର ଟ୍ରାଫିକ୍ ଜାମ୍




ନୋଏଡା,୧୩।୪: ଦରମା ବୃଦ୍ଧି ଦାବିରେ ନୋଏଡାରେ ଶ୍ରମିକମାନଙ୍କ ଦ୍ୱାରା ଗତ ତିନି ଦିନ ଧରି ଚାଲିଥିବା ଆନ୍ଦୋଳନ ସୋମବାର ଉଗ୍ର ରୂପ ନେଇଛି। ବିକ୍ଷୋଭକାରୀ ଶ୍ରମିକମାନେ ରାଜରାସ୍ତା ଅବରୋଧ କରିବା ସହ ବ୍ୟାପକ ଭଙ୍ଗାରୁଜା ଓ ଜାଳେଣି କରିଛନ୍ତି। ଏହାଫଳରେ ଦିଲ୍ଲୀ-ନୋଏଡା ସୀମାରେ ପ୍ରବଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ପରିସ୍ଥିତିକୁ ଆୟତ୍ତ କରିବା ପାଇଁ ପୋଲିସକୁ ମୃଦୁ ବଳପ୍ରୟୋଗ କରିବାକୁ ପଡ଼ିଛି।ବିଶେଷ କରି ଫେଜ୍-୨ ଅଞ୍ଚଳ, ସେକ୍ଟର ୧ ଏବଂ ୮୪ରେ ଆନ୍ଦୋଳନ ଅଧିକ ତୀବ୍ର ହୋଇଥିଲା। ଏଠାରେ ବିକ୍ଷୋଭକାରୀ ଶ୍ରମିକମାନେ ଅତିକମ୍ରେ ଦୁଇଟି ଗାଡ଼ିରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ବିଶାଳ ସଂଖ୍ୟାରେ ଶ୍ରମିକମାନେ ରାସ୍ତାକୁ ଓହ୍ଲାଇ ନାରାବାଜି କରିବା ସହ ରାସ୍ତା ଅବରୋଧ କରିବାରୁ ବିଭିନ୍ନ କାରଖାନା ଅଞ୍ଚଳରେ ଉତ୍ତେଜନା ବ୍ୟାପିଯାଇଥିଲା। ଗୋଟିଏ ଦିନ ପୂର୍ବରୁ ଜିଲ୍ଲା ପ୍ରଶାସନ ଏବଂ ଶିଳ୍ପ ବିଭାଗ ଅଧିକାରୀମାନେ ଦରମା ବୃଦ୍ଧି ଦାବି ଉପରେ ବିଚାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ ଆନ୍ଦୋଳନକାରୀମାନେ ଏପରି ହିଂସାତ୍ମକ ରୂପ ଧାରଣ କରିଛନ୍ତି। ଏହି ଆନ୍ଦୋଳନ ଯୋଗୁଁ ଅଫିସ୍ ଯିବା ସମୟରେ ଦିଲ୍ଲୀ-ନୋଏଡା ସୀମାର ପ୍ରମୁଖ ରାସ୍ତା, ବିଶେଷକରି ଡିଏନଡି ଫ୍ଲାଏୱେରେ ଭୟଙ୍କର ଭିଡ଼ ଦେଖାଦେଇଥିଲା। ରାସ୍ତାରେ କିଲୋମିଟର କିଲୋମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଲମ୍ବା ଧାଡ଼ିରେ ଫସି ରହିବାରୁ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ହନ୍ତସନ୍ତ ହୋଇଥିଲେ। ସ୍ଥିତିକୁ ସମ୍ଭାଳିବା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ଏବଂ ନୋଏଡା ପୋଲିସର ବହୁ ସଂଖ୍ୟକ ବାହିନୀ ମୁତୟନ କରାଯାଇଛି। ଗୌତମ ବୁଦ୍ଧ ନଗର କମିଶନରେଟ୍ ଅଧୀନରେ ଥିବା ସମସ୍ତ ଶିଳ୍ପାଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ଏବଂ ବରିଷ୍ଠ ଅଧିକାରୀମାନେ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଶ୍ରମିକଙ୍କ ସ୍ୱାର୍ଥ ପାଇଁ ନୋଏଡା ପ୍ରାଧିକରଣ ବୈଠକଉତ୍ତେଜନା ଶାନ୍ତ କରିବା ପାଇଁ ନୋଏଡା ପ୍ରାଧିକରଣଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା, ଅତିରିକ୍ତ ସମୟର କାମ ପାଇଁ ଦୁଇଗୁଣା ମଜୁରୀ, ବୋନସ୍ ପ୍ରଦାନ, ସାପ୍ତାହିକ ଛୁଟି ଏବଂ କର୍ମକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ, ନୋଏଡା ଜିଲ୍ଲାପାଳ ମେଧା ରୂପମ ଶ୍ରମିକମାନଙ୍କ ସୁବିଧା ପାଇଁ ଏକ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲିବାକୁ ଘୋଷଣା କରିବା ସହ ଅଭିଯୋଗ ପଞ୍ଜିକରଣ ପାଇଁ ସହାୟତା ନମ୍ବର ଜାରି କରିଛନ୍ତି। ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ନିର୍ଭରପ୍ରତିଶ୍ରୁତି ଦେଇଛନ୍ତି।

# ଯାଜପୁର ଗୁଳିକାଣ୍ଡର ପର୍ଦ୍ଦାଫାସ: ୫ ଗିରଫ

ଯାଜପୁର(ନିପ୍ର): ଯାଜପୁର ଟାଉନ ଥାନା ଅଧୀନ କାଳିମେଘା ଅଞ୍ଚଳରେ ଘଟିଥିବା ଚର୍ଚ୍ଚିତ ଗୁଳିକାଣ୍ଡ ଘଟଣାର ରହସ୍ୟ ଯାଜପୁର ପୋଲିସ ପର୍ଦ୍ଦାଫାସ କରିଛି। ଏହି ମାମଲାରେ ପ୍ରଥମେ ଅଜଣା ଦୁର୍ବୃତ୍ତଙ୍କ ବିରୋଧରେ କେସ ରଜିଷ୍ଟର ହୋଇଥିଲେ ମଧ୍ୟ ପରବର୍ତ୍ତୀ ତଦନ୍ତରେ ୫ ଜଣଙ୍କ ସଂପୃକ୍ତି ସ୍ପଷ୍ଟ ହୋଇଥିବାରୁ ସମସ୍ତଙ୍କୁ ଗିରଫ କରାଯାଇଛି। ଯାଜପୁର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସପି ୟଶ୍ ପ୍ରତାପ ଶ୍ରୀମାଲ ଏହି ହତ୍ୟାକାଣ୍ଡ ଘଟଣାର ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସୂଚନା ଅନୁଯାୟୀ, ଯାଜପୁର ଥାନା କେସ ନଂ-୧୪୨ (ତା. ୦୭.୦୪.୨୦୨୬) ଧାରା ୧୦୩(୧) ଆରମ୍ ଆକଟ୍ ଓ ୨୫/୨୭ ଅନୁସାରେ ମାମଲା ରୁଜୁ ହୋଇଥିଲା। ଗତ ୬ ଏପ୍ରିଲ ରାତି ପ୍ରାୟ ୧୦.୪୦ ମଧ୍ୟରେ କୁଆଁସରପୁର ଅଞ୍ଚଳର ସୌମ୍ୟ ସାଗର ସାମଲ (୨୩) ଗାରିଆପୁର ଛକରୁ ତାଙ୍କ ଭଡାଘର କାଳିମେଘାକୁ ସ୍କୁଟିରେ ଯାଉଥିବା ବେଳେ ଅଜଣା ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଆହତ ଅବସ୍ଥାରେ



ସେମାନେ ପ୍ରଥମେ ଯାଜପୁର ଜିଲ୍ଲା ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ନେଇଥିଲେ, କିନ୍ତୁ ସେହି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ସେ ପ୍ରାଣ ହରାଇଥିଲେ। ଏହାପରେ ମଙ୍ଗଳାବାଗ ଥାନାରେ କେସ ରଜିଷ୍ଟର ହୋଇଥିଲା ଏବଂ ପୋଷ୍ଟମର୍ଟମ ପରେ ପରବର୍ତ୍ତୀ ଦିନ ଯାଜପୁର ଥାନାରେ ଅଭିଯୋଗ ଦାଖଲ ହୋଇଥିଲା। ଯାଜପୁର ଟାଉନ ଥାନା ପୋଲିସ ତତ୍କ୍ଷଣାତ୍ ତଦନ୍ତ ଆରମ୍ଭ କରି ଏକ ବିଶେଷ ଟିମ୍ ଗଠନ କରିଥିଲା। ତଦନ୍ତ ଆରମ୍ଭରେ କୌଣସି ପ୍ରମାଣ ମିଳୁନଥିବାରୁ ମାମଲା ଜଟିଳ ଥିଲା। ପରେ ବୈଜ୍ଞାନିକ ଟିମ୍‌ର ସହଯୋଗରେ ରକ୍ତ ନମୁନା, ଖାଲି କାର୍ତ୍ତୁଜ ଓ ଯାନବାହନ ଜବତ କରାଯାଇଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ମୁଖ୍ୟ ସୂତ୍ର ମିଳିଥିଲା। ତଦନ୍ତରେ ପ୍ରକାଶ ପାଇଛି ଯେ, ମୃତକଙ୍କ ସ୍ତ୍ରୀ ସୁଭାଶ୍ରୀ ବେହେରା ଓ ତାପସ କୁମାର ଖିଲାରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଏହି ସମ୍ପର୍କକୁ ନେଇ ପାରିବାରିକ ବିବାଦ ତୀବ୍ର ହୋଇଥିଲା। ମୃତକ ଏହାକୁ ବିରୋଧ କରିଥିବାରୁ ତାଙ୍କୁ ହତ୍ୟା କରିବା ପାଇଁ ପୂର୍ବ ଯୋଜନା ତିଆରି ହୋଇଥିଲା। ଯୋଜନା ଅନୁଯାୟୀ, ପ୍ରିତି ପ୍ରଭା ପ୍ରିୟଦର୍ଶିନୀ ଅ ଚିନୁ ମାଧ୍ୟମରେ ରାଉରକେଲାରୁ ସୁରଜ ସିଂହ ଓ ଅଙ୍କିତ ଠାକୁରଙ୍କୁ ଅର୍ଥ ପ୍ରଦାନ କରି ପିସ୍ତଲ୍ ବ୍ୟବସ୍ଥା କରାଯାଇଥିଲା। ପରେ ତାପସ ଖିଲାର ସେହି ଅସ୍ତ୍ର ନେଇ ଯାଜପୁରକୁ ଆସି ଘଟଣାକୁ ଅଞ୍ଜାମ ଦେଇଥିଲେ। ଘଟଣା ପରେ ଅସ୍ତ୍ରକୁ ଯାଜପୁର ଯଯାତି କେଶରୀ ମେଡିକାଲ କଲେଜ୍ ପଛପଟ ବୈତରଣୀ ନଦୀ ପଠାରେ ଲୁଚାଇ ରଖାଯାଇଥିଲା, ଯାହାକୁ ପୋଲିସ ପରେ ଉଦ୍ଧାର କରିଛି। ଏହି ମାମଲାରେ ତାପସ କୁମାର ଖିଲାର, ପ୍ରୀତିପ୍ରଭା ପ୍ରିୟଦର୍ଶିନୀ, ସୁଭାଶ୍ରୀ ବେହେରା, ସୁରଜ ସିଂହ ଓ ଅଙ୍କିତ ଠାକୁରଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ୍, ଜୀବନ୍ତ କାର୍ତ୍ତୁଜ, ସାତଟି ମୋବାଇଲ, ଗୋଟିଏ ବାଇକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ୧୩ ଏପ୍ରିଲ ସକାଳେ କୋର୍ଟକୁ ପ୍ରେରଣ କରାଯାଇଥିବା ସୂଚନା ମିଳିଛି।

## ଆସିକା ବଡ଼ନଦୀରୁ ଅଜଣା ମୃତଦେହ ଉଦ୍ଧାର

ଆସିକା(ନିପ୍ର): ଆସିକା ଥାନା ମକୁନ୍ଦପୁର ନିକଟ ବଡନଦୀରୁ ଏକ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର କରାଯାଇଛି । କାରଣ ଅସ୍ପଷ୍ଟ ଥିବା ଆସିକା ଥାନା ପୋଲିସ ପ୍ରକାଶ କରିଛି । ଆସିକା ପୋଲିସ କେସ ନମ୍ବର ୦୮/୨୪ରେ ଏକ ଅପମୃତ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି । ଘଟଣା ସ୍ଥଳରେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା ପହଞ୍ଚି ତଦନ୍ତ ଚଳାଇଛନ୍ତି । ଏପଟେ ଆସିକା ସହକାରୀ ତହସିଲଦାର ଅମରେଶ ସାବତଙ୍କ ଉପସ୍ଥିତରେ ଶବ ପଞ୍ଚନାମା କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲଠାରେ ରଖାଯାଇଛି । ପ୍ରକାଶ ଥାଉକି ଗତ ଦୁଇରୁ ଚାରିଦିନ ତଳେ ଏହି ଯୁବକର ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି । ଆଖପାଖ ଅଞ୍ଚଳର କୌଣସି ଯୁବକ ନିଖୋଜ ହେବାର କିମ୍ବା ଆସିକା ଏବଂ କୋଟିନଡା ଥାନାରେ ନିଖୋଜ ବ୍ୟକ୍ତି ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ । ପାଖା ପାଖି ଗାଁମାନଙ୍କରେ ଏହି ମୃତ୍ୟୁ ଖବର ପ୍ରାସାରିତ ହେବା ପରେ ମଧ୍ୟ କେହି ଏହି ଯୁବକର ପରିଚୟ ମିଳି ପାରିଲା ନାହିଁ ।

## ଏମ୍ସ ସିନିୟର ନର୍ସିଂ ଅଧିକାରୀଙ୍କୁ ଆକ୍ରମଣ ମାମଲା, ଦୁଇ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଗତ ୧୦ ତାରିଖ ଦିନ ଏମ୍ସର ସିନିୟର ନର୍ସିଂ ଅଧିକାରୀଭାବେ କାର୍ଯ୍ୟରତ ପନୁଗୁପତି ରମେଶଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି,ଲିଙ୍ଗରାଜ ଥାନା ଅନ୍ତର୍ଗତ ଓଲ୍ଡ ଟାଉନ ନାଗେଶ୍ୱର ଟାଙ୍ଗୀର ସୌମ୍ୟ ରଞ୍ଜନ ବିଷୋଇ (୨୧) ଓ ବଡଗଡ ଥାନା ଅଞ୍ଚଳର ଅମିତ କୁମାର ଜେନା (୩୫)। ଏନେଇ ଆକ୍ରମଣ ଶିକାର ପନୁଗୁପତି ରମେଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏମ୍ସ ହସ୍ପିଟାଲରେ ସିନିୟର ନର୍ସିଂ ଅଫିସର ଭାବେ କାର୍ଯ୍ୟ କରନ୍ତି । ଗତ ୧୦ ତାରିଖ ଅପରାହ୍ନ ୪ଟା୩୫ ସମୟରେ ସେ ଏମ୍ସରୁ ପାତ୍ରପଡାସ୍ଥିତ ଘରକୁ ନିଜ ମୋଟରସାଇକେଲ ଯୋଗେ ଫେରୁଥିବା ବେଳେ, ପାତ୍ରପଡା ଠାରେ ଥିବା ମୋ-ବସ ଷ୍ଟାଣ୍ଡ ନିକଟରେ ଛଅ ଜଣ ଅଜଣା ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇବା ସହ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଫଳରେ ଅଭିଯୋଗକାରୀ ମୋଟରସାଇକେଲରୁ ତଳେ ପଡି ଯାଇଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଅଭିଯୋଗକାରୀ ନିଜକୁ ବଞ୍ଚାଇବାକୁ ଯାଇ ହାତ ଦେଖାଇଦେବାରୁ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା । ଏହାପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ, ଅଭିଯୋଗକାରୀଙ୍କୁ ଚିକିତ୍ସା ଲାଗି ତାଙ୍କ ବନ୍ଧୁମାନେ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ । ଅଧିକ ତଦନ୍ତ କାଳରେ ବିଶ୍ୱସ୍ତ ସୂତ୍ର ଆଧାରରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ, ସେମାନଙ୍କ ନିକଟରୁ ଏକ ସ୍କୁଟି ଜବତ କରାଯାଇଛି।

## ଦୁଇ ମୋବାଇଲ ଚୋର ଗିରଫ

ଭୁବନେଶ୍ୱର(ନିପ୍ର): ଗ୍ୟାରେଜରୁ ମୋବାଇଲ ଚୋରି କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଦୁଇ ଜଣ ଚୋରଙ୍କୁ ଗିରଫ କରିଛି। ଗିରଫ ଦୁଇ ଚୋର ହେଉଛନ୍ତି,କାନନ ବିହାର ଫେଜ ୨ର ଆଲୋକ ଦାସ (୨୫) ଓ ଅଶ୍ୱିନ ଶତପଥୀ (୨୫)। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ପୋଲିସ ୨ଟି ମୋବାଇଲ ଫୋନକୁ ଜବତ କରିଛି। ଏନେଇ ପବିତ୍ର ଶର୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ପବିତ୍ର ଏବଂ ଦୁଇ ଅଭିଯୁକ୍ତ ଆଲୋକ ଓ ଅଶ୍ୱିନୀ କାନନ ବିହାର, ଫେଜ-୨ ରେ ଥିବା "କାର ମାଷ୍ଟର ଗ୍ୟାରେଜ" ରେ କାମ କରନ୍ତି । ଗତ ୧୨ ତାରିଖ ଭୋର ସମୟରେ ଅଭିଯୋଗକାରୀ ଗ୍ୟାରେଜରେ ଥିବା ରୁମରେ ଶୋଇଥିବା ବେଳେ, ଆଲୋକ ଏବଂ ଅଶ୍ୱିନୀ ରୁମ୍ ଭିତରେ ପଶି ଅଭିଯୋଗକାରୀଙ୍କ ମୋବାଇଲ ଫୋନ ଦୁଇଟିକୁ ଚୋରିକରି ନେଇଯାଇଥିଲେ । ଏନେଇ ଅଭିଯୋଗକାରୀ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲେ ଯେ, ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଚୋରା ମୋବାଇଲ ଫୋନ ଦୁଇଟିକୁ କମ ଦାମରେ ବିକ୍ରି କରିବା ଲାଗି ପଟିଆ ଷ୍ଟେସନ ନିକଟରେ ଗ୍ରାହକ ଯୋଗାଡ କରୁଛନ୍ତି। ଏହି ସୂଚନା ପାଇବା ପରେ ପୋଲିସ ଟିମ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ଦୁଇଟି ଚୋରା ମୋବାଇଲ ଫୋନ ଜବତ କରିଥିଲା।

## ୨ ବ୍ରାଉନସୁଗର ବେପାରୀ ଧରାପଡିଲେ

ଭୁବନେଶ୍ୱର(ନିପ୍ର): ଲକ୍ଷ୍ମୀସାଗର ଥାନା ପୋଲିସ ସୋମବାର ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଦୁଇ ନିଶା ବେପାରୀ ହେଉଛନ୍ତି, ବାବୁ ଖାଁ ଓ ପ୍ରତାପ ସାମଲ ଓରଫ ଡିଜେ। ଗିରଫ ବାବୁର ଘର ଝାରପଡା ମୁସମାନ ସାହିରେ ହୋଇଥିବା ?ବଳେ ପ୍ରତାପଙ୍କ ଘର ମହାଦେବ ନଗରରେ ବୋଲି ଜଣାପଡିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାକୁ ଆଧାର କରି ଲକ୍ଷ୍ମୀସାଗର ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ଥାନାର ଏକ ସ୍ପେଶାଲ ଟିମ୍ ଲକ୍ଷ୍ମୀସାଗର ତ୍ରିନାଥ ମନ୍ଦିର ନିକଟରେ ଅତର୍କିତ ଚଢ଼ଉ କରିବା ସହ ବେଆଇନ ବ୍ରାଉନସୁଗର ବିକ୍ରି ଅଭିଯୋଗରେ ନାମକ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଛାନଭିନ ସମୟରେ ପୋଲିସ ଟିମ ଅଭିଯୁକ୍ତ ବାବୁ ଖାଁଙ୍କ ହେପାଜତରୁ ମୋଟ ୧୦ ଗ୍ରାମ ଓଜନର ବ୍ରାଉନସୁଗର ଏବଂ ୩ ହଜାର ୨ଶହ ଟଙ୍କା ଜବତ କରିଥିବା ବେଳେ, ଅଭିଯୁକ୍ତ ପ୍ରତାପ ସାମଲ ଓରଫ ଡିଜେଙ୍କ ହେପାଜତରୁ ଏକ ବାଇକ ଏବଂ ୪ ହଜାର ଟଙ୍କା ଜବତ କରିଥିଲା। ଉଭୟ ଅଭିଯୁକ୍ତ ଦୀର୍ଘଦିନ ହେବ ଏହି ବ୍ୟବସାୟ କରିଆସୁଥିବା ସ୍ୱୀକାର କରିଛନ୍ତି।

## ଓଏଲ୍ସରେ ଗାଡି କିଣିବାକୁ ଯାଇ ୫୫ ହଜାର ଠକେଇ
## ୩ ମାସ ପରେ ବାଲୁଗାଁରୁ ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର(ନିପ୍ର): ଓଏଲ୍ଏକ୍ସରେ ବାଇକ କିଣିବାକୁ ଯାଇ ୫୫ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ଜଣେ ଯୁବକଙ୍କୁ ନ୍ୟାୟ ଦେଇଛି ଇନଫୋସିଟି ଥାନା ପୋଲିସ। ଏହି ଠକେଇ ନେଇ ଅଭିଯୋଗ ହେବାର ୩ ମାସ ପରେ ଅଭିଯୁକ୍ତ ସାଗର ଦାଶ (୨୨)ଙ୍କୁ ବାଲୁଗାଁ ଅଞ୍ଚଳରୁ ଧରିବାରେ ସଫଳ ହୋଇଛି ପୋଲିସ। ଏନେଇ ଚିନ୍ମୟ ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଓଏଲଏକ୍ସରେ ଏକ ସେକେଣ୍ଡ-ହ୍ୟାଣ୍ଡ ପଲସର ୧୫୦ ସିସି ମୋଟରସାଇକେଲ ବିକ୍ରୟ ନେଇ ଏକ ଅନଲାଇନ୍ ବିଜ୍ଞାପନ ଦେଖିଥିଲେ। ସେ ଅଭିଯୁକ୍ତଙ୍କ ସହିତ ଯୋଗାଯୋଗ କରିଥିଲେ, ଯିଏ ତାଙ୍କୁ ଗାଡ଼ି କିଣିବାକୁ ପ୍ରବର୍ତ୍ତାଇଥିଲେ ଏବଂ ଆରଟିଓ କାର୍ଯ୍ୟାଳୟର ଜଣେ ବ୍ୟକ୍ତିଙ୍କ ମାଧ୍ୟମରେ ମାଲିକାନା ହସ୍ତାନ୍ତରରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ଅନଲାଇନ୍ ମାଧ୍ୟମରେ ୪୫ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ, ଅଭିଯୁକ୍ତ ଆରଟିଓ କାର୍ଯ୍ୟାଳୟ ନିକଟରେ ବାଇକ୍ ଆଣି ଜରିମାନା ବାକି ଥିବା ବାହାନାରେ ଅତିରିକ୍ତ ୧୦ ହଜାର ଟଙ୍କା ଗ୍ରହଣ କରିଥିଲେ। କିଛି ସମୟ ପାଇଁ ଚାବି ଦେବା ପରେ, ଅଭିଯୁକ୍ତ ଚାଲିଯିବା ବାହାନାରେ ବାଇକଟି ନେଇ ଗାଡ଼ି ଓ ଟଙ୍କା ଉଭୟ ସହିତ ପଳାଇଯାଇଥିଲେ। ତଦନ୍ତ ସମୟରେ ବିଶ୍ୱସ୍ତ ସୂଚନା ଆଧାରରେ ଗତ ୧୨ ତାରିଖ ଦିନ ଅଭିଯୁକ୍ତଙ୍କୁ ବାଲୁଗାଁର ସୋମନାଥ ବସଷ୍ଟାଣ୍ଡ ନିକଟରୁ ଗିରଫ କରାଯାଇଥିଲା।

## ଗାଧୁଆ ଘରେ ପଡି ମହିଳା ମୃତ

ଭାପୁର(ନିପ୍ର): ଭାପୁର ସଦର ମହକୁମାସ୍ଥ ଯୁକ୍ତଦୁଇ ମହାବିଦ୍ୟାଳୟର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ବରାଡ଼ଙ୍କର ଗତ ଦୁଇ ବର୍ଷ ତଳେ ମୃତ୍ୟୁ ହୋଇଥିବାବେଳେ ସୋମବାର ତାଙ୍କର ସ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ବରାଡ଼ (୬୭)ଙ୍କ ମୃତ୍ୟୁ ହୋଇଛି। ସେ କିଛିଦିନ ଧରି ପୁଅ ପାଖକୁ ଭୁବନେଶ୍ୱର ଯାଇଥିବାବେଳେ ସୋମବାର ସକାଳେ ସ୍ନାନ ଓ ଶୌଚ ଆଦି କାର୍ଯ୍ୟ ପାଇଁ ଗାଧୁଆ ଘରେ ଗୋଡ଼ ଖସିଯିବାରୁ ପଡିଯାଇଥିଲେ । ଫଳରେ, ତାଙ୍କର ମୁଣ୍ଡ ମାଡ଼ ହୋଇଥିଲା। ପରିବାର ପକ୍ଷରୁ ତାଙ୍କୁ କେୟାର ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଶବକୁ ଭାପୁର ଆଣି ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା।

# ବିରିୟାନୀ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ: ୪ ଗିରଫ

ଭୁବନେଶ୍ୱର(ନିପ୍ର): ଭରତପୁର ଥାନା ଅଞ୍ଚଳରେ ଥିବା ଏକ ବିରିୟାନୀ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୪ ଅଭିଯୁକ୍ତ ହେଉଛନ୍ତି,ସ୍ଥାନୀୟ ଅଞ୍ଚଳର ଶଶାଙ୍କ ଶେଖର ନାୟକ (୧୯),ପୁରସ୍ତମ ନାୟକ ଓରଫ ଆକାଶ (୨୪),ବି.ଗୌରୀଶଙ୍କର (୨୪) ଓ ସିଦ୍ଧାନ୍ତ ଦିଗଲ (୨୬)। ଗିରଫ ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ଦୁଇଟି ବାଇକ ଓ ଏକ ଖଣ୍ଡାକୁ ଜବତ କରିଛି। ଏନେଇ ମନମୋହନ ସାମନ୍ତରାୟ ଥାନାରେ ଲିଖ ?ତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମନମୋହନ ସାମନ୍ତରାୟ ଅନ୍ଧାରୁଆ ଅଞ୍ଚଳର ହୋଇଥିବା ବେଳେ, ଜିଏ କଲୋନୀ ନିକଟରେ ଏକ ବିରିୟାନି ଦୋକାନ କରିଛନ୍ତି । ଗତ ୧୦ ତାରିଖ ମଧ୍ୟାହ୍ନରେ ଅଭିଯୋଗକାରୀ ତାଙ୍କର ଜଣେ କର୍ମଚାରୀଙ୍କୁ ଦୋକାନ ଦାୟିତ୍ୱ ଦେଇ ନିକଟସ୍ଥ ମାର୍କେଟକୁ କିଛି ସାମଗ୍ରୀ କିଣିବା ଲାଗି ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ପୁରସ୍ତମ ଅନ୍ୟ ଏକ ବିରିୟାନୀ ଷ୍ଟଲ୍ ?କୁ ଆସି ତାଙ୍କର ବାଇକଟିକୁ ଅଭିଯୋଗକାରୀଙ୍କ ଷ୍ଟଲ୍ ସମ୍ମୁଖରେ ପାର୍କ କରିଥିଲେ, ଯାହାଫଳରେ ଗ୍ରାହକମାନଙ୍କ ଯାନଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ଗ୍ରାହକ ଓ ଅଭିଯୋଗକାରୀଙ୍କ ଦୋକାନ କର୍ମଚାରୀମାନେ ଗାଡ଼ିଟିକୁ ସେଠାରୁ ହଟାଇବା ଲାଗି କହିବାରୁ, ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ, ଅଭିଯୁକ୍ତ ପୁନର୍ବାର ତାଙ୍କ ସହଯୋଗୀ ସିଦ୍ଧାନ୍ତ ଦିଗଲ, ଶଶାଙ୍କ ଶେଖର ନାଏକ ଏବଂ ବି. ଗୌରୀଶଙ୍କରଙ୍କ ସହିତ ଦୁଇଟି ମୋଟରସାଇକେଲ୍‌ରେ ଘଟଣାସ୍ଥଳକୁ ଆସିଥିଲେ । ସେମାନେ ଅଭିଯୋଗକାରୀଙ୍କୁ ଭରତପୁରରେ ଆଉ ଷ୍ଟଲ୍ ନ ଖୋଲିବାକୁ ଧମକ ଦେଇଥିଲେ ଏବଂ ବିକ୍ରୟକାରୀମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ । ତା'ପରେ, ପୁରସ୍ତମ ନାଏକ ଓରଫ ଆକାଶ ଏକ ଖଣ୍ଡା ବାହାର କରି ଅଭିଯୋଗକାରୀଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ । ଅଭିଯୋଗକାରୀ ରକ୍ଷା ପାଇବା ସମୟରେ ଖଣ୍ଡା ତାଙ୍କ ହାତରେ ଲାଗିଥିଲା। ଏହା ଦେଖି ଦୋକାନ କର୍ମଚାରୀ ସୁନୀଲ କୁମାର ପରିଡା ତାଙ୍କୁ ବଞ୍ଚାଇବାକୁ ଯିବାବେଳେ, ଅଭିଯୁକ୍ତ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ । ପରେ, ସମସ୍ତ ଅଭିଯୁକ୍ତମାନେ ମିଶି ବିରିୟାନୀ ଷ୍ଟଲ୍‌କୁ ଭଙ୍ଗାରୁଜା କରି ଖାଦ୍ୟ ସାମଗ୍ରୀ ରାସ୍ତାରେ ଫୋପାଡି ଦେଇଥିଲେ ଏବଂ ଦୁଇଟି ବାଇକରେ ଘଟଣାସ୍ଥଳରୁ ପଳାଇଯାଇଥିଲେ । ଏହା ବ୍ୟତୀତ ଅଭିଯୁକ୍ତମାନେ ଘଟଣା ସମୟରେ ଅଭିଯୋଗକାରୀଙ୍କ ବେକରୁ ଏକ ସୁନା ଚେନ ଏବଂ ଦୋକାନରୁ ୨୦ ହଜାର ଟଙ୍କା ଲୁଟି ନେଇଥିବା, ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

## ବେଲଗୁଣ୍ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ବ୍ଲକ ସମ୍ମିଳନୀ କକ୍ଷଠାରେ ସୋମବାର ଗଞ୍ଜାମ ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି, ଆରକ୍ଷୀ ଅଧୀକ୍ଷକ ଗଞ୍ଜାମ ଶୁଭେନ୍ଦୁ କୁମାର ପାତ୍ର, ଭଞ୍ଜନଗର ଉପ ଜିଲ୍ଲାପାଳ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ



ଅଧୀକ୍ଷକ, ଭଞ୍ଜନଗର ରଞ୍ଜନ କୁମାର ଦେ, ବ୍ଲକ ଅଧ୍ୟକ୍ଷା ମମତା ଭୋଳ, ତହସିଲଦାର କଳାକୃଷ୍ଣ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରି ଶିଙ୍ଗାପୁରମ ଯୋଗ ଦେଇ ମୋଟ ୧୬୬ଟି ଅଭିଯୋଗର ଶୁଣାଣୀ କରିଥିଲେ । ୫ଟି ଅଭିଯୋଗର ସମାଧାନ ଶିବିରରେ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗର ତ୍ୱରିତ୍ ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରେଡକ୍ରସ୍ ପାଣ୍ଠିରୁ ୪ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ୨୫୦୦୦ ଟଙ୍କା ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ଜନସାଧାରଣ ଶିକ୍ଷା,କୃଷି, ସ୍ୱାସ୍ଥ୍ୟ, ଭତ୍ତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜିବିକା ମିଶନ୍, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବେଲଗୁଣ୍ଠା ବ୍ଲକର ସମସ୍ତ ଅଧିକାରୀ, ପ୍ରଶାସନ ତଥା ସରକାରୀ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବେଲଗୁଣ୍ଠା ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଜନଶୁଣାଣୀ ପରିଚାଳନାରେ ସହଯୋଗ କରିଥିଲେ।

## କୋଠଘର ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣ: ୫ ଗିରଫ

ଆସିକା(ନିପ୍ର): ଗ୍ରାମ କୋଠଘର ବିବାଦକୁ ନେଇ ସଂଘବଦ୍ଧ ଆକ୍ରମଣରେ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଦୁଇ ବାଇକ ଜବତ କରାଯାଇଛି। ଆସିକା ଥାନା ମଙ୍ଗଳପୁର ଗ୍ରାମରେ କିଛି ବର୍ଷ ହେବ ଗ୍ରାମର ଚନ୍ଦ୍ରମଣି ଡାକୁଆଙ୍କ ନିଜ ବାସଗୃହ ନଥିବା ଯୋଗୁଁ ଗ୍ରାମ କୋଠ ଘରେ ନିଜ ପରିବାର ରହିଆସୁଥିଲେ। କିଛି ଦିନ ପୂର୍ବରୁ ମଙ୍ଗଳପୁର ଗ୍ରାମବାସୀ ଉକ୍ତ କୋଠ ଘରକୁ ଖାଲି କରିବା ପାଇଁ ଆସିକା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଆସିକା ତହସିଲଦାର ସଂଗୀତା ସେଣ ଉକ୍ତ କୋଠ ଘର ସିଲ କରିଥିଲେ। କୋଠ ଘର ସିଲ କରିବା ଘଟଣା ଉତକ୍ଷିପ୍ତ ହୋଇ ବାପା ଚନ୍ଦ୍ରମଣି ଡାକୁଆ ପୁଅ କାହ୍ନୁ ଚରଣ ଡାକୁଆ ସାହିବାସୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଆସୁଥିଲେ। ରବିବାର ରାତି ୯ଟା ୩୦ ମିନଟ ସମୟରେ ଚନ୍ଦ୍ରମଣି ଡାକୁଆଙ୍କ ତିନି ପୁଅ ସିଲୁ ଡାକୁଆ (୨୮), ଜଗନ୍ନାଥ ଡାକୁଆ(୨୩), ବଳରାମ ଡାକୁଆ (୨୩) ଦୁଇଟି ମୋଟର ସାଇକେଲ ଓଡ଼ି ୩୨ବି ୭୬୩୭, ଓଡ଼ି ୩୨ ଏଚ ୩୧୧୪ରେ ଆସି ଗ୍ରାମର ପନ୍ଦରା ସାହିର ରୋହିତ ନାଇକ (୩୫) ଓ ତାଙ୍କ ଭାଇ ଅମୁଲ୍ୟ ନାୟକଙ୍କ ଘରେ ପଶି ଏକ ଲୁହା ଶାବଳ, ଲୁହା ରଡ଼ ଦ୍ୱାରା ଜୀବନରୁ ମାରିଦେବା ଉଦେଶ୍ୟରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଏଥିରେ ପ୍ରତିବାଦ କରିବାରୁ ରୋହିତ ନାୟକର ଭାଇ ପ୍ରସନ୍ନ ନାୟକ ଓ ଭଉଣୀ ଗାୟତ୍ରୀ ନାୟକ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ । ଘଟଣା ସ୍ଥଳରେ ରୋହିତ ଓ ତାଙ୍କ ଭାଇ ଅମୁଲ୍ୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲେ। ଏହା ଦେଖି ଗ୍ରାମର ପ୍ରଶାନ୍ତ ପାଳ ଓ ଅଶୋକ ଦାସ ପ୍ରତିବାଦ କରିବାରୁ ରକ୍ତମୁଖା ଚାରି ଭାଇ ଓ ବାପାଙ୍କ କବଳରୁ ସେମାନେ ମଧ୍ୟ ବର୍ତ୍ତିନଥିଲେ। ଘଟଣା ସ୍ଥଳରୁ ଗ୍ରାମବାସୀ ଗୁରୁତର ଆହତ ମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏନେଇ ଆସିକା ଥାନାରେ ରୋହିତ ନାୟକ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆସିକା ଥାନା କେସ ନମ୍ବର ୧୬୧/୨୬ରେ ପୋଲିସ ଏକ ମାମଲା ରଜୁକରି ଚନ୍ଦ୍ରମଣି ଡାକୁଆ ତାଙ୍କ ଚାରି ପୁଅ ସିଲୁ ଡାକୁଆ, ଜଗନ୍ନାଥ ଡାକୁଆ, ବଳରାମ ଡାକୁଆ, କାହ୍ନୁ ଚରଣ ଡାକୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଏସସିବି ଅଗ୍ନିକାଣ୍ଡ: ବିଚାର ବିଭାଗୀୟ ତଦନ୍ତ ଆରମ୍ଭ

କଟକ(ନିପ୍ର): କଟକ ବଡ଼ ମେଡ଼ିକାଲ ଟ୍ରମାକେୟାର ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଜଣେ ପୂର୍ବତନ ବିଚାରପତିଙ୍କ ଦ୍ୱାରା ସୋମବାର ଠାରୁ ଏହାର ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ କମିଶନ ଅଧ୍ୟକ୍ଷ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳ ସୋମବାର ମେଡ଼ିକାଲ ପ୍ରିନିସିପାଲଙ୍କ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହି ଅବସରରେ ତଦନ୍ତ କମିଶନ ଅଧ୍ୟକ୍ଷ ଏସସିବି ଅଧିକ୍ଷକ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ପ୍ରାୟ ଏକ ଘଣ୍ଟା ଧରି ପଚରା ଉଚରା କରିଥିଲେ । ଗତ ମାର୍ଚ୍ଚ ମାସ ୧୬ ତାରିଖରେ ଏସସିବି ମେଡ଼ିକାଲ ଟ୍ରମା କେୟାର ଆଇସିୟୁରେ ଅଗ୍ନିକାଣ୍ଡ ଘଟି ୧୨ ଜଣ ରୋଗୀଙ୍କ ଜୀବନ ଯାଇଥିଲା । ରାଜ୍ୟ ସରକାର ଘଟଣାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କୌଣସି ବ୍ୟକ୍ତି ଅବା ସଂଗଠନ ତଦନ୍ତ କମିଶନଙ୍କ ନିକଟରେ ୧୫ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିପାରିବେ ବୋଲି ସୂଚନା ମିଳିଛି। ଖୁବଶୀଘ୍ର ଶୁଣାଣି ପ୍ରକ୍ରିୟା ଆରମ୍ଭ ହେବ ବୋଲି ତଦନ୍ତ କମିଶନ



ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ଏସସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାର କାରଣ ଖୋଜିଥିଲେ ହାକ ଫାଇଣ୍ଡିଂ ଟିମ । କିନ୍ତୁ କ୍ୟାମେରା ଆଗରେ ଟିମର ସଦସ୍ୟ ଧାଡ଼ିଟିଏ ବି କହିନଥିଲେ । ଉନ୍ନୟନ କମିଶନର ଦେଓରଂଜନ ସିଂହଙ୍କ ନେତୃତ୍ୱରେ ଏହି ଟିମ ଏସସିବି ମେଡ଼ିକାଲ ପରିସରରେ ପହଞ୍ଚି ତଦନ୍ତ କରିଥିଲେ। ପ୍ରଥମେ ଟ୍ରମା ଆଇସିୟୁ ବୁଲି ଦେଖିବା ପରେ ଟିମ ଅନ୍ୟ ବିଭାଗ ଗୁଡ଼ିକର ନିରୀକ୍ଷଣ କରିଥିଲା । ହେଲେ କ୍ୟାମେରା ଆଗରେ ଉନ୍ନୟନ କମିଶନର ଧାଡ଼ିଏ ବି କହିନଥିଲେ । ଅପର ପକ୍ଷରେ ଅଗ୍ନିଶମ ଆଇଜି ଉମା ଶଙ୍କର ଦାସ କହିଥିଲେ, ତଦନ୍ତ ଚାଲିଛି। କିଛି କହିବାଟା ଠିକ ହେବ ନାହିଁ। ପ୍ରକାଶ ଥାଉ କି, ଏହି ଅଗ୍ନିକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୪ଜଣ ଅଧିକାରୀ ନିଲମ୍ବିତ ହୋଇଥିଲେ। କଟକ ସର୍କଲ ଡେପୁଟି ଫାୟାର ଅଫିସର ପ୍ରକାଶ ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଂଜୀବ ବେହେରା, ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲ ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡ଼ି ଅନ୍ତର୍ଗତ ଏସସିବି ସବଡିଭିଜନ ଆସିଷ୍ଟାଣ୍ଟ ଏକ୍ଜୁକେଟିଭ ଇଂ ରଂଜନ ବିଶ୍ୱାଳ ସସପେଣ୍ଡ ହୋଇଥିଲେ। ଉନ୍ନୟନ କମିଶନରଙ୍କ ତଦନ୍ତ ରିର୍ପୋଟ ଆଧାରରେ କାର୍ଯ୍ୟରେ ଅବହେଳା କରିଥିବା ଏହି ଅଧିକାରୀମାନଙ୍କୁ ସସପେଣ୍ଡ କରାଯାଇଥିଲା ।

## ଅବକାରୀ ଚଢ଼ାଉରେ ଦେଶୀମଦ ସହ ପୋଚ ନଷ୍ଟ: ୬ ମାମଲା ରୁଜୁ



ଆଠଗଡ଼(ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ, କଂସର, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ, କଟକ ସଦର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉରେ ସର୍ବମୋଟ ୨୪୫୦ ଲିଟର ଦେଶୀମଦ ସହ ୨୦୬୫୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ୬ଗୋଟି ମାମଲା ରୁଜୁ କରାଯାଇଛି ।ଏହି ଚଢ଼ାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ,ବାଙ୍କୀ ଅବକାରୀ ଥାନା, ଜିଲ୍ଲା ଅବକାରୀ ମୋବାଇଲ ୟୁନିଟର ଉପନିରୀକ୍ଷକ ଅକ୍ଷୟ କୁମାର ଜେନା, କଟକ ସଦର ଅବକାରୀ ଥାନା, ଆଠଗଡ଼ ଅବକାରୀ ଥାନା ଓ ଖୁଣ୍ଟୁଣୀ ବନବିଭାଗ ସମେତ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ।

# ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ସୁଲତା ଦେଓଙ୍କୁ ଉପନେତାର ଦାୟିତ୍ୱ

ଭୁବନେଶ୍ୱର, ୧୩/୪(ନିପ୍ର): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ସାଂସଦ ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ସୁଲତା ଦେଓଙ୍କୁ ସଂସଦୀୟ ଦଳର ଉପନେତା ତଥା ମୁଖ୍ୟ ସଚେତକ ଭାବେ ମନୋନୀତ ହେବା ପରେ ଦୁହେଁ ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଛନ୍ତି। ଦଳର ସଭାପତିଙ୍କ ପ୍ରତି କୃତଜ୍ଞତା ଜଣାଇବା ସହିତ ଏହି ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବେ ବୋଲି କହିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ପ୍ରଦୀପ ଅମାତ, ମାନସ ମଙ୍ଗରାଜ ଓ ସୁଲତା ଦେଓଙ୍କୁ




ପ୍ରଦାନ କରାଯାଇଥିବା ନିଯୁକ୍ତିକୁ ସ୍ୱାଗତ କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ଶ୍ରୀ ମଙ୍ଗରାଜ କହିଥିଲେ, ଦଳ ମୋ ଉପରେ ଭରସା କରି ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ମୁଁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି । ଏହା ସହିତ ଦଳର ସମସ୍ତ ନେତୃମଣ୍ଡଳୀ ଓ ଦଳର ଅଗଣିତ କର୍ମୀମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି । ବିଜୁ ଜନତା ଦଳର ସାଂସଦ ମାନେ ନିଷ୍ଠାର ସହିତ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସୁଛନ୍ତି । ବିଜେଡି ସାଂସଦ ମାନଙ୍କର ପ୍ରଦର୍ଶନ ଓ ଶୃଙ୍ଖଳା ସଂସଦରେ ସବୁ ସମୟରେ ଆଦୃତ ହୋଇଛି । ଆଗାମୀ ଦିନରେ ମଧ୍ୟ ରାଜ୍ୟର ହିତରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ସାଂସଦମାନଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ । ସୁଲତା ଦେଓ କହିଥିଲେ, ଦଳର ସଭାପତି ନବୀନ ପଟ୍ଟନାୟକ ଯେତେବେଳେ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ଜଣେ ଦାୟିତ୍ୱବାନ ସୈନିକ ହିସାବରେ ମୁଁ ସେହି ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଇଛି । ତେଣୁ ଏହି ଦାୟିତ୍ୱକୁ ମଧ୍ୟ ମୁଁ ନିଷ୍ଠାର ସହିତ ତୁଲାଇବା ପାଇଁ ଚେଷ୍ଟା କରିବି ।

### ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ରାଜ୍ୟପାଳ

# ଭୁବନେଶ୍ୱର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ପାଇଁ ସମ୍ମିଳିତ ଉଦ୍ୟମ ହେଉ



ଭୁବନେଶ୍ୱର, ୧୩।୪(ନିପ୍ର): ଭୁବନେଶ୍ୱରର ବିକାଶ ସରକାର ଓ ନାଗରିକଙ୍କ ସାମୂହିକ ଦାୟିତ୍ୱ ଓ ଭୁବନେଶ୍ୱରକୁ ଉନ୍ନତିର ଉଚ୍ଚତରସ୍ତରକୁ ନେବାର ଦାୟିତ୍ୱ କେବଳ ସରକାରର ନୁହେଁ, ନାଗରିକଙ୍କ ମଧ୍ୟ ସମାନ ଦାୟିତ୍ୱ ରହିଛି । ଏଣୁ ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ନିମନ୍ତେ ସମ୍ମିଳିତ ଉଦ୍ୟମ ପାଇଁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି ।ଏତତବ୍ୟତୀତ ସେମାନେ ସକ୍ରିୟ ଭାବେ ନଗରର ଐତିହ୍ୟର ସଂରକ୍ଷଣ ଓ ଭବିଷ୍ୟତ ଗଠନରେ ଅବଦାନ ରଖିବାକୁ ରାଜ୍ୟପାଳ କହିଛନ୍ତି । ସୋମବାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ନାଗରିକମାନଙ୍କୁ ସ୍ଥାୟୀ ଓ ସ୍ଥିର ଜୀବନଶୈଳୀ ଗ୍ରହଣ କରି ପରିବେଶ ସଚେତନ, ପ୍ରଦୂଷଣମୁକ୍ତ ଓ ପରିଷ୍କାର ପରିଚ୍ଛନ୍ନ ମହାନଗର ଗଠନ ପାଇଁ ଆହ୍ୱାନ ଜଣାଇଥିଲେ । ସାମୂହିକ ପ୍ରୟାସ ଦ୍ୱାରା ରାଜଧାନୀକୁ ସମାବେଶୀ, ଆଧୁନିକ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି । ଭୁବନେଶ୍ୱରକୁ "ଭାରତର ମନ୍ଦିର ମାଳିନୀ ନଗରୀ" ଭାବେ ବର୍ଣ୍ଣନା କରି ରାଜ୍ୟପାଳ ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ରାଜାରାଣୀ ମନ୍ଦିର ଓ ପରଶୁରାମେଶ୍ୱର ମନ୍ଦିର ପରି କିର୍ତ୍ତୀରାଜିଗୁଡିକ ସ୍ଥାପତ୍ୟ ବିଦ୍ୟା ଓ ଆଧାତ୍ମିକ ଐତିହ୍ୟ ଉତ୍କର୍ଷତାର ପ୍ରତୀକ ବୋଲି କହିଥିଲେ । ରାଜଧାନୀର ଭବିଷ୍ୟତ ଦୃଷ୍ଟିକୋଣକୁ ପୁନଃନିଶ୍ଚିତ କରିବା ଦିଗରେ ଏହାର ଅନନ୍ୟ ପରିଚୟର ସଂରକ୍ଷଣ କରି ପ୍ରଗତିକୁ ସ୍ୱାଗତ କରିବା ଏବଂ ସାମୂହିକ ପ୍ରୟାସରେ ପରବର୍ତ୍ତୀ ପିଢ଼ି ପାଇଁ ଏକ ସ୍ଥାୟୀ, ସମାବେଶୀ ଓ ଭବିଷ୍ୟତମୁଖୀ ରାଜଧାନୀ ଗଠନ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସନତ ମିଶ୍ର ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଏବଂ ସମାଜର ମହନୀୟ ସେବା କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ/ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆନନ୍ଦପୁରରେ ହେବ ଇନ୍‌ଡୋର ଷ୍ଟାଡିୟମ୍

କେନ୍ଦୁଝର, ୧୩।୪(ନିପ୍ର): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ମୁଖ୍ୟ ନଗର ଓ ଏହା ପ୍ରାଚୀନ କାଳରୁ ଏକ ପ୍ରସିଦ୍ଧ ନଗରୀ ଭାବେ ଖ୍ୟାତି ଲାଭ କରିଛି । ଓଡ଼ିଶାର ଧର୍ମ ପରମ୍ପରାରେ ଆନନ୍ଦପୁରର ସ୍ୱତନ୍ତ୍ରତା ରହିଛି । ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଅବସରରେ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ ଯୋଗଦେଇ ଏହା କହିଛନ୍ତି । ସେ ଆହୁରି କହିଥିଲେ ଯେ, କେନ୍ଦୁଝର-ବଡବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ଶକ୍ତିଶାଳୀ ଅର୍ଥନୈତିକ କରିଡର୍ ଭାବେ ବିକଶିତ କରାଯିବ ।

## ଶିଳାନ୍ୟାସ ପରେ ବିବାଦ: କଣ୍ଡିଆ ନଦୀ ପୋଲ କ୍ୟାମ୍ପ ଭଙ୍ଗାରୁଜା

ଧାମନଗର, ୧୩/୪(ନିପ୍ର): ଧାମନଗର ବ୍ଲକ ଭଟସାହି ପଞ୍ଚାୟତରେ ଫଳପୁର ପୃଷ୍ଟିସାହୀ ଠାରେ ପୋଲ କାର୍ଯ୍ୟ ଆରମ୍ଭ ବେଳେ ଅସାମାଜିକ ଲୋକଙ୍କ ପକ୍ଷରୁ ବାଧା ସୃଷ୍ଟି ହୋଇଛି । କଣ୍ଡିଆ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ପୋଲ କାର୍ଯ୍ୟ ଆରମ୍ଭ ବେଳେ ହିଁ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହୋଇଛି । ପୃଷ୍ଟି ସାହି ନିକଟରେ କଣ୍ଡିଆ ନଦୀ ଉପରେ ଏହି ପୋଲ ନିର୍ମାଣ ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶିଳାନ୍ୟାସ କରିଥିଲେ । ତେବେ ଏହି ପୋଲର ସ୍ଥାନ ନିରୂପଣକୁ ନେଇ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ବିବାଦ ରହିଥିଲା । ଯାହାକୁ ନେଇ ପୂର୍ବରୁ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା । ରବିବାର ପୋଲ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ପକ୍ଷରୁ କାର୍ଯ୍ୟସ୍ଥଳରେ କ୍ୟାମ୍ପ ନିର୍ମାଣ କରାଯାଉଥିଲା ।



ଏହି ସମୟରେ କିଛି ଅସାମାଜିକ ବ୍ୟକ୍ତି ସେଠାରେ ପହଞ୍ଚି କ୍ୟାମ୍ପକୁ ଭାଙ୍ଗିରୁଜି ଦେବା ସହ କାର୍ଯ୍ୟରେ ନିୟୋଜିତ ସୁପରଭାଇଜରଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । ସ୍ଥାନ ନିରୂପଣ ବିବାଦକୁ କେନ୍ଦ୍ରକରି ଏଭଳି କାଣ୍ଡ ଘଟାଯାଇଥିବା ସନ୍ଦେହ କରାଯାଉଛି । ଏହି ଘଟଣାକୁ ନେଇ ସୋମବାର ସଂପୃକ୍ତ ବିଭାଗ ଓ ଠିକାଦାରଙ୍କ ପକ୍ଷରୁ ଧୁଷୁରୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତଦନ୍ତ ଆରମ୍ଭ କରିଛି । ମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଏଭଳି ବିଶୃଙ୍ଖଳା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଥାଉକି ରାଜନୈତିକ ଛକାଛକିରେ ସେଠାରେ କିଛି ଦିନ ହେବ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିଲା ଯାହାକୁ ନେଇ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ।

## ମାଲକାନଗିରି ଜିଲ୍ଲା କୋର୍ଟକୁ ବୋମା ଧମକ

ମାଲକାନଗିରି, ୧୩।୪(ନିପ୍ର): ସୋମବାର ମାଲକାନଗିରି ଜିଲ୍ଲା କୋର୍ଟ ପରିସରରେ ଏକ ଅଜ୍ଞାତ ଇମେଲ୍ ମାଧ୍ୟମରେ ବୋମା ଧମକ ମିଳିବା ପରେ ସେଠାରେ ଆତଙ୍କ ଖେଳିଯାଇଥିଲା । ତେଣୁ ତୁରନ୍ତ ଖାଲି କରି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ତେବେ ପରବର୍ତ୍ତୀ ସମୟରେ କୌଣସି ଠାରେ ବୋମାର ସନ୍ଧାନ ମିଳି ନ ଥିଲା ।

## ମହିଳା ନକ୍ସଲ ରୂପୀ ନିହତ

କାଙ୍କେର, ୧୩।୪(ନିପ୍ର): ଛତିଶଗଡର କାଙ୍କେର ଜିଲ୍ଲାରେ,ସୋମବାର ସକାଳେ ନକ୍ସଲ ପ୍ରଭାବିତ ଛୋଟେବେଠିଆ ଅଞ୍ଚଳର ଜଙ୍ଗଲରେ ପୋଲିସ ଏବଂ ନକ୍ସଲବାଦୀଙ୍କ ମଧ୍ୟରେ ଏନକାଉଣ୍ଟରରେ ପାଞ୍ଚ ଲକ୍ଷ ଟଙ୍କାର ପୁରସ୍କାର ଥିବା ପ୍ରତାପପୁର ଏରିଆ କମିଟି ମେମ୍ବର କ୍ୟାଡରର ସକ୍ରିୟ ମହିଳା ନକ୍ସଲବାଦୀ ରୂପୀ ନିହତ ହୋଇଛି । ପୋଲିସ ଘଟଣାସ୍ଥଳରୁ ତାଙ୍କ ମୃତଦେହ ଉଦ୍ଧାର କରିଛି । ଘଟଣାସ୍ଥଳରୁ ଏକ ରିଭଲଭର ମଧ୍ୟ ଉଦ୍ଧାର କରାଯାଇଛି । ସୁରକ୍ଷା ବାହିନୀ ଛୋଟେବେଠିଆ ଅଞ୍ଚଳରେ ନକ୍ସଲବାଦୀଙ୍କ ଉପସ୍ଥିତି ସମ୍ପର୍କରେ ଗୁପ୍ତ ସୂଚନା ପାଇଥିଲା ।

## ଉପଭୋକ୍ତାଙ୍କୁ ବଡ଼ ଆଶ୍ୱସ୍ତି: ବିଦ୍ୟୁତ ସଂଯୋଗ କାଟିପାରିବେନି କମ୍ପାନୀ

ଭୁବନେଶ୍ୱର, ୧୩/୪(ନିପ୍ର): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଏଣିକି ବିଲ୍ ଅର୍ଥ ବାକି ଥିଲେ ମଧ୍ୟ କୌଣସି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇପାରିବ ନାହିଁ । ଏନେଇ ବିଦ୍ୟୁତ୍ ବିତରଣ କମ୍ପାନୀ (ଡିସକମ୍) ଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ । ରାଜ୍ୟରେ ଅସହ୍ୟ ତାତି ଓ ଗୁଳୁଗୁଳି ଜାରି ରହିଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ କମ୍ପାନୀଗୁଡ଼ିକୁ ଚେତାବନୀ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଗ୍ରୀଷ୍ମରେ ଆଉ ଅଘୋଷିତ ବିଦ୍ୟୁତ୍ କାଟ ହେବ ନାହିଁ । ଯଦି କୌଣସି ସ୍ଥାନରେ ବିନା ସୂଚନାରେ ବିଦ୍ୟୁତ୍ କାଟ କରାଯାଏ, ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସେମାନେ ଜେଲ୍ ମଧ୍ୟ ଯାଇପାରନ୍ତି ।'

## ହନୁମାନ ଜୟନ୍ତୀ ପାଇଁ ପୋଲିସ ପ୍ରଶାସନ ପ୍ରସ୍ତୁତ

କେନ୍ଦ୍ରାପଡ଼ା, ୧୩/୪(ନିପ୍ର): କେନ୍ଦ୍ରାପଡ଼ାରେ ମଙ୍ଗଳବାର ହନୁମାନ ଜୟନ୍ତୀ ପାଳନ ହେବ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଇଚ୍ଛାପୁର ମାଉସୀ ମନ୍ଦିରଠାରୁ ତିନିମୁହାଣୀ ରାମ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହେବ । କେନ୍ଦ୍ରାପଡ଼ା ଏସପି ଶ୍ରୀ ସିଦ୍ଧାର୍ଥ କଟାରୀୟଙ୍କ ସୂଚନା ମୁତାବକ ୧୪ ପ୍ଲାଟୁନ ପୋଲିସ ମୁତୟନ ହେବା ସହ ୨୦୦ ହୋମ ଗାର୍ଡ, ୧୫୦ କନଷ୍ଟେବଲ, ୨୦ ଇନ୍ସପେକ୍ଟର, ୨୦ ଏ.ଏସ.ଆଇ ଏବଂ ୮ ଡ଼ିଏସପି ପ୍ରମୁଖ ଶୋଭାଯାତ୍ରାକୁ କିପରି ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ନିମନ୍ତେ ମୁତୟନ ରହିବେ ଓ ଆଜି ପୋଲିସ ପକ୍ଷରୁ ଶତାଧିକ ପୋଲିସ ଯବାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଫ୍ଲାଗ ମାର୍ଚ୍ଚ କରାଯାଇଛି । ଏହି ଶୋଭାଯାତ୍ରା ଇଚ୍ଛାପୁର ମାଉସୀମା ମନ୍ଦିରରୁ ବାହାରି ତିନିମୁହାଣୀ ରାମମନ୍ଦିର ପର୍ଯ୍ୟନ୍ତ ଆସିବାକୁ ନିର୍ଦ୍ଧାରିତ ହୋଇଛି । ଶୋଭାଯାତ୍ରାକୁ ଅପରାହ୍ନ ୨.୦୦ରୁ ସନ୍ଧ୍ୟା ୬.୦୦ ମଧ୍ୟରେ ସମାପ୍ତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।



# ୭୮ ବର୍ଷରେ ଭୁବନେଶ୍ୱର

ଭୁବନେଶ୍ୱର,୧୩।୪: ସୋମବାର ଥିଲା ରାଜ୍ୟ ରାଜଧାନୀ ଭୁବନେଶ୍ୱରର ପ୍ରତିଷ୍ଠା ଦିବସ । ୭୭ ଯାତ୍ରା ସଫଳତାର ସହ ପୂରଣ କରି ୭୮ ବର୍ଷରେ ପାଦ ଥାପିଛି ଭୁବନେଶ୍ୱର ସହର । କିନ୍ତୁ ଏହି ପ୍ରତିଷ୍ଠା ଦିବସରେ ରାଜନୀତି ତେଜିଛି । ନିମନ୍ତ୍ରଣକୁ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମେୟର ସୁଲୋଚନା ଦାସଙ୍କ ମଧ୍ୟରେ କଥାକଟି ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି । ସାଂସଦ ଷଡ଼ଙ୍ଗୀ କହିଛନ୍ତି ଯେ ବିଗତ ସରକାର ସମୟରେ ଭୁବନେଶ୍ୱର ପ୍ରତିଷ୍ଠା ଦିବସରେ ତାଙ୍କୁ ନିମନ୍ତ୍ରଣ କରାଯାଉନଥିଲା । ଏକଥା ସମସ୍ତେ ଜାଣନ୍ତି । କିନ୍ତୁ ଆମ ସରକାର ଆସିବା ପରେ ତାଙ୍କୁ ନିମନ୍ତ୍ରଣ କରାଯାଇଛି । ଯେଉଁଥିପାଇଁ ସେ ବହୁତ ଖୁସି ମଧ୍ୟ ଅଛନ୍ତି । ଏଥିପାଇଁ ସରକାର ଏବଂ ମେୟରଙ୍କୁ ଧନ୍ୟବାଦ ଜଣାଇଛନ୍ତି ସାଂସଦ । ସେ ଆହୁରି କହିଛନ୍ତି, ଭୁବନେଶ୍ୱର ସହିତ ତାଙ୍କର ଭାବନାତ୍ମକ ସମ୍ପର୍କ ରହିଛି ।



## ଗ୍ରୀଷ୍ମ ଋତୁରେ ଯାତ୍ରୀ ସୁବିଧା ପାଇଁ ରେଳବାଇର ଅଧିକ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର, ୧୩ /୪(ପିଆଇବି): ଗ୍ରୀଷ୍ମ ଋତୁରେ ବୃଦ୍ଧିପାଉଥିବା ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ଏବଂ ଯାତ୍ରାକୁ ସୁଗମ ଓ ସହଜ କରିବା ପାଇଁ, ଭାରତୀୟ ରେଳବାଇ ଅଧିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ



ଚଲାଇବାକୁ ନିଷ୍ପତ୍ତି ନେଇଛି । ଏହି ଟ୍ରେନଗୁଡ଼ିକ ଆନନ୍ଦ ବିହାର–ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର–କୋଲକାତା, ବିଶାଖାପାଟଣା–ଶାଲିମାର, ସମ୍ବଲପୁର–ଶାଲିମାର, ପାଟନା–ଖୋର୍ଦ୍ଧା ରୋଡ୍ ଏବଂ ପୁରୀ–ପାଟନା ପରି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବ । ଏହି ସ୍ୱତନ୍ତ୍ର ସେବାଗୁଡ଼ିକର ଉଦ୍ଦେଶ୍ୟ ହେଉଛି ବ୍ୟସ୍ତବହୁଳ ଛୁଟିଦିନ ସମୟରେ ଯାତ୍ରୀମାନଙ୍କ ପାଇଁ ଉନ୍ନତ ସଂଯୋଗ ଏବଂ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବା । ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭାରତୀୟ ରେଳବାଇର ସରକାରୀ ୱେବସାଇଟ୍ କିମ୍ବା ନିକଟସ୍ଥ ରେଳ ଷ୍ଟେସନରେ ସର୍ବଶେଷ ଟ୍ରେନ୍ ସମୟସୂଚୀ ଏବଂ ଉପଲବ୍ଧତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅତିରିକ୍ତ ସେବାଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ନିରାପଦ, ଆରାମଦାୟକ ଏବଂ ଅସୁବିଧାମୁକ୍ତ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଅଭିଯୋଗ

**ହିଞ୍ଜିଳିକାଟୁ, ୧୩।୪(ନିପ୍ର):** ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଶିବିର ଅନୁଷ୍ଠିତ



ହୋଇଛି । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରୀକା ଷଡଙ୍ଗୀ ଅଧକ୍ଷତା କରିଥଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସରପଞ୍ଚ, ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ହିଞ୍ଜିଳି ଥାନା ଏସ ଆଇ ସୁରେଶ କୁମାର ସାହୁ, ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢି, ଏବିଡିଓ ଅରୁଣ କୁମାର ପ୍ରଧାନ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି. ରବି କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ ଓ ସରକାରୀ ସୁବିଧାରୁ ଉପେକ୍ଷିତ ହୋଇଥିବା ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ରାସନ୍ କାର୍ଡ, ଗ୍ରାମୀଣ ଆବାସ, ସ୍ୱାସ୍ଥ୍ୟ, ବାର୍ଦ୍ଧକ୍ୟ ଭତ୍ତା, ରାଜସ୍ୱ, ମନରେଗା, ବିଦ୍ୟୁତ ଓ ସୁଭଦ୍ରା ଆଦି ଭିନ୍ନଭିନ୍ନ ଯୋଜନା ପାଇଁ ସମୁଦାୟ ୨୦ ଟି ଅଭିଯୋଗ ଦାଖଲ ହୋଇଥିଲା । ସେଥି ମଧ୍ୟରୁ ଗ୍ରାମୀଣ ଆବାସ ୭, ରାସନ୍ କାର୍ଡ ୭ଟି, ସଙ୍କୋଚନ ରାସ୍ତା ୩ଟି, ମନରେଗା, ସାମାଜିକ ସୁରକ୍ଷା ଓ ବିଦ୍ୟୁତ୍ ବିଭାଗର ଗୋଟିଏ ଲେଖାଏଁ ଅଭିଯୋଗ ଦାଖଲ ହୋଇଥିଲା ।




## ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର 'ସ୍ନେହ ସେତୁ'କୁ ପୁଣି ମିଳିଲା ସଫଳତା

# ପରିବାରକୁ ଫେରିଲେ ମଧ୍ୟପ୍ରଦେଶର ନିଖୋଜ ଯୁବକ

ଝାରସୁଗୁଡ଼ା, ୧୩ /୪(ନିପ୍ର): ଜିଲ୍ଲା ପ୍ରଶାସନର ମାନବୀୟ ପଦକ୍ଷେପ 'ସ୍ନେହ ସେତୁ' ଅଭିଯାନ ମାଧ୍ୟମରେ ଆଉ ଏକ ବିଚ୍ଛିନ୍ନ ପରିବାର ଯୋଡ଼ି ହୋଇଛି । ମଧ୍ୟପ୍ରଦେଶ ଛତରପୁର ଅଞ୍ଚଳର ୩୪ ବର୍ଷୀୟ ଯୁବକ ଘନଶ୍ୟାମ ଅହିରୱାର ଦୀର୍ଘ ଦିନ ପରେ ଆଜି ନିଜ ପରିବାର ସହ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୁନଃମିଳିତ ହୋଇଛନ୍ତି । ଜିଲ୍ଲାପାଳ କୁଣାଳ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଘନଶ୍ୟାମଙ୍କୁ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୨୪.୦୯.୨୦୨୩ ରିଖରେ ଘନଶ୍ୟାମଙ୍କୁ ବ୍ରଜରାଜନଗର ଅଞ୍ଚଳରୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଝାରସୁଗୁଡ଼ା 'ମିଶନ ଆଶାଲୋକ' ଟିମ୍ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇ କେନ୍ଦ୍ରରେ ଆଶ୍ରୟ ପ୍ରଦାନ କରାଯିବା ସହ ଆବଶ୍ୟକୀୟ ଚିକିତ୍ସା ଓ ସେବା ଯୋଗାଇ ଦିଆଯାଇଥିଲା । ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ସେ ନିଜ ଘର ମଧ୍ୟପ୍ରଦେଶର ଛତରପୁର ଜିଲ୍ଲା ଭଗୌରା ଗ୍ରାମରେ ବୋଲି ସୂଚନା ଦେଇଥିଲେ । ଏହାପରେ ଜିଲ୍ଲା ପ୍ରଶାସନ ଓ ମିଶନ ଆଶାଲୋକ ଟିମ୍ ପକ୍ଷରୁ ତୁରନ୍ତ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା । ଆଜି ଘନଶ୍ୟାମଙ୍କୁ ନେବା ପାଇଁ ତାଙ୍କ ଭାଇ ରାମଦୀନ ଅହିରୱାର ଏବଂ ଦାଦା ରମେଶ ଅହିରୱାର ଝାରସୁଗୁଡ଼ାରେ ପହଞ୍ଚିଥିଲେ । ଦୀର୍ଘ ଦିନ ପରେ ନିଜ ପରିବାରକୁ ପାଖରେ ପାଇ ଘନଶ୍ୟାମ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ କହିଛନ୍ତି ଯେ, 'ସ୍ନେହ ସେତୁ ମାଧ୍ୟମରେ ଏପର୍ଯ୍ୟନ୍ତ ୨୭ ଜଣ ବ୍ୟକ୍ତି ନିଜ ପରିବାର ସହ ପୁନଃମିଳିତ ହୋଇସାରିଲେଣି । ଜଣେ ନିଖୋଜ ବ୍ୟକ୍ତିଙ୍କୁ ତାଙ୍କ ପ୍ରିୟଜନଙ୍କ ସହ ଯୋଡ଼ିବାରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ହିଁ ଏହି ଅଭିଯାନର ପ୍ରକୃତ ସଫଳତା ।' ଏହି ପୁନଃମିଳନ କାର୍ଯ୍ୟକ୍ରମ ସମୟରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ମିଶନ ଆଶାଲୋକର ସଦସ୍ୟମାନେ ଉପସ୍ଥିତ ରହି ଘନଶ୍ୟାମଙ୍କୁ ଶୁଭେଚ୍ଛା ସହ ବିଦାୟ ଜଣାଇଥିଲେ ।

**ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ ତିରୁପତି**
(ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନ ଜାତୀୟ ଗୁରୁତ୍ୱ ସମ୍ପନ୍ନ ଏକ ସ୍ୱୟଂଶାସିତ ପ୍ରତିଷ୍ଠାନ)

**ଆଇଜର ତିରୁପତିରେ ଅଧ୍ୟାପକ ପଦବୀ ପାଇଁ ନିୟୋଜନ**

ଭାରତୀୟ ନାଗରିକଙ୍କ ସମେତ ମୂଳ ଭାରତୀୟ ଯୋଗ୍ୟ ବ୍ୟକ୍ତି(ପିଆଇଓ) ଭାରତର ଦରିଆପାରି ନାଗରିକ(ଓସିଆଇ) ଓ ଅଣ ଆବାସିକ ଭାରତୀୟ (ଏନଆରଆଇ)ଙ୍କ ଠାରୁ ଆଇଜର ତିରୁପତି ଅନଲାଇନ ଦରଖାସ୍ତ ଆହ୍ୱାନ କରୁଛି । ଅଧ୍ୟାପକ ପଦବୀ ପାଇଁ ନିୟମିତ ଆଧାରରେ ବିଭିନ୍ନ ବିଭାଗରେ ଉତ୍ତମ ଶିକ୍ଷାଗତ ରେକର୍ଡ ଓ ଆନୁଷଙ୍ଗିକ କାର୍ଯ୍ୟ ଅଭିଜ୍ଞତା ପ୍ରାର୍ଥୀଙ୍କଠାରେ ଥିବା ଆବଶ୍ୟକ ।
ସବିଶେଷ ବିଜ୍ଞାପନ ପାଇଁ www.iisertirupati .ac.in>>Careers>> Faculty. ରେ ଦୟାପୂର୍ବକ ପରିଦର୍ଶନ କରନ୍ତୁ ।
ଅନଲାଇନ ଦରଖାସ୍ତ ଆରମ୍ଭ ତାରିଖ **ଏପ୍ରିଲ ୧୩, ୨୦୨୬**
ଅନଲାଇନ ଦରଖାସ୍ତ ଦାଖଲର ଶେଷ ତାରିଖ **ମେ ୨୮, ୨୦୨୬ ଘଣ୍ଟା ୧୭.୦୦**
ବିଜ୍ଞାପନ ନଂ ୨୨/୨୦୨୬/iiser-T/Rect./13.04.2026

**ନିର୍ଦ୍ଦେଶକ**

CBC 21377/12/0004/2627

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
**ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ**
**ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ**